Postal Regd.No.:
BGR - 02/2021-2023
ବର୍ଷ - ୨୧ ■ ସଂଖ୍ୟା - ୩୩
Volum. - 21 ■ Issue No.- 33
Sunday ■ Balangir
ରବିବାର ■ ବଲାଙ୍ଗିର

KOSHALA PRABAHA
# କୋଶଳ ପ୍ରବାହ

www.koshalaprabaha.com

R.N.I.No.: ODIODI/2000/03637 / ୧୧ ଜୁଲାଇ - ୧୭ ଜୁଲାଇ ୨୦୨୧ / 11 July - 17 July 2021 / Odia Weekly / 8 Pages / Rs.2/- only




## ପବିତ୍ର ରଥଯାତ୍ରା ଉପଲକ୍ଷେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ବିଶ୍ୱ ପ୍ରସିଦ୍ଧ ପବିତ୍ର ରଥଯାତ୍ରା-୨୦୨୧ ଅବସରରେ ମୁଁ ବିଶ୍ୱର କୋଣ ଅନୁକୋଣରେ ଥିବା ଶ୍ରୀଜଗନ୍ନାଥପ୍ରେମୀ ଭକ୍ତଜନଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି ।

ଶ୍ରୀଜଗନ୍ନାଥ ଚେତନା ଓ ଦର୍ଶନରେ ରହିଛି ମାନବଜାତିର ଉତ୍ତରଣ ଓ ଅଧ୍ୟାତ୍ମ ଅନ୍ୱେଷଣର ମାର୍ଗ । ସମାଜରେ ଏହା ଶାନ୍ତି, ମୈତ୍ରୀ, ପ୍ରେମ ଓ ଭ୍ରାତୃଭାବର ପ୍ରତିଷ୍ଠାରେ ସହାୟକ ହେଉ ବୋଲି କାମନା କରୁଛି ।

କରୋନା ମହାମାରୀ ବିରୋଧରେ ମାନବଜାତିର ଲଢେଇରେ ବିଜୟ ନିମନ୍ତେ ମହାପ୍ରଭୁଙ୍କ କରୁଣା ପ୍ରାର୍ଥନା କରୁଛି ।

ଗଣେଶୀ ଲାଲ
(ଗଣେଶୀ ଲାଲ)




## ଶ୍ରୀଗୁଣ୍ଡିଚା ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ପବିତ୍ର ଶ୍ରୀଗୁଣ୍ଡିଚା ଅବସରରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ କୋଟିକୋଟି ଭକ୍ତଜନଙ୍କୁ ମୋର ଶୁଭେଚ୍ଛା ଜଣାଉଛି ।

ଚଳିତ ବର୍ଷ କୋଭିଡ କଟକଣା ମଧ୍ୟରେ ବିନା ଭକ୍ତରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହେଉଛି । ଆମେ ସମସ୍ତେ ଘରେ ରହି ମହାପ୍ରଭୁଙ୍କର ପତିତପାବନ ଯାତ୍ରାକୁ ଦର୍ଶନ କରିବା । ମହାପ୍ରଭୁ ଆମ ହୃଦୟରେ ସଦାସର୍ବଦା ରହିଛନ୍ତି ଏବଂ ଆମକୁ ସବୁବେଳେ ସତ୍‌ଚିନ୍ତନ ଓ ସତ୍‌କର୍ମ ପାଇଁ ପ୍ରେରଣା ଦେଇଆସୁଛନ୍ତି ।

ଏହି ପବିତ୍ର ଅବସରରେ ମାନବ ସମାଜର କଲ୍ୟାଣ ତଥା ଏକ ସମୃଦ୍ଧ ଭବିଷ୍ୟତ ପାଇଁ ମହାପ୍ରଭୁଙ୍କ ନିକଟରେ ମୋର ପ୍ରାର୍ଥନା ଜଣାଉଛି ।

ଜୟ ଜଗନ୍ନାଥ

ନବୀନ ପଟ୍ଟନାୟକ
(ନବୀନ ପଟ୍ଟନାୟକ)




## ରଥଯାତ୍ରା ଉପଲକ୍ଷେ ବାର୍ତ୍ତା

ବିଶ୍ୱ ଭ୍ରାତୃତ୍ୱ, ସଂପ୍ରୀତି ଓ ସଂହତିର ପ୍ରତୀକ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ଉପଲକ୍ଷେ ମୁଁ ଓଡ଼ିଶାବାସୀ ତଥା ବିଶ୍ୱର କୋଣ ଅନୁକୋଣରେ ରହୁଥିବା ସମସ୍ତ ଶ୍ରୀଜଗନ୍ନାଥପ୍ରେମୀ ଭକ୍ତଜନଙ୍କୁ ମୋର ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ।

କରୋନା ମହାମାରୀ ଭଳି କଠିନ ସମୟରେ ଆପଣମାନେ ଘରେ ରହି ଦୂରଦର୍ଶନ ମାଧ୍ୟମରେ ମହାପ୍ରଭୁଙ୍କ ଘୋଷ ଯାତ୍ରା ଦର୍ଶନ କରନ୍ତୁ । ବିଶ୍ୱ ନିୟନ୍ତା ମହାପ୍ରଭୁଙ୍କ ଅପାର କରୁଣାରୁ ବିଶ୍ୱରୁ ଏ ମହାମାରୀ ଦୂରେଇଯାଉ ଏବଂ ଜଗତର ମଙ୍ଗଳ ଘଟୁ, ଏହା ହିଁ ମୋର ପ୍ରାର୍ଥନା ।

ରଘୁନନ୍ଦନ ଦାସ
(ରଘୁନନ୍ଦନ ଦାସ)
ସୂଚନା ଓ ଲୋକସମ୍ପର୍କ, ଜଳସଂପଦ ମନ୍ତ୍ରୀ

DADLS-10 OIPR-15001/13/0018/2122










**ପବିତ୍ର ରଥଯାତ୍ରା ଅବସରରେ କଂଟାବାଂଜି ନିର୍ବାଚନ ମଣ୍ଡଳୀ ତଥା ସାରା ଓଡ଼ିଶାର ଭାଇଭଉଣୀଙ୍କ ମଙ୍ଗଳ କାମନା କରୁଛି ।**



ଅନୁଭୂତି (ରମ୍ୟ ରଚନା)

# ପୁରୀ ରଥଯାତ୍ରା, ମୋବାଇଲ ଚୋରି ଓ କୁମ୍ଭାରପଡ଼ା ଥାନା

**ମୀନକେତନ ବାରଲେବଡ଼ିଆ**



ଗାଁ ଠାକୁରାଣୀଙ୍କ ପ୍ରତି ପ୍ରଗାଢ଼ ବିଶ୍ୱାସ ଥିବା ସତ୍ୱେ ପୁଲା ଦିନୁ ନିଜକୁ ନିଜେ ନାସ୍ତିକ ମନେ କରୁଥିଲି । ମନ୍ଦିର ଓ ଠାକୁର ପ୍ରତି ବିମୁଖ ଥିଲା ମୋ' ମନ । କିନ୍ତୁ ମୋର ଯେତେବେଳେ ହୃଦ୍‌ବୋଧ ହେଲା ଯେ ସଂସାର ସାରା ଆମ ଚତୁଃପାର୍ଶ୍ୱରେ ଆତଯାତ କରୁଥିବା ମଣିଷଙ୍କ ପ୍ରତି ଭରସା ତୁଟି ତୁଟି ଆସୁଛି, ସେଇଦିନଠୁ ମନ୍ଦିର ଓ ଠାକୁର ପ୍ରତି ଅତ୍ୟଧିକ ଆକୃଷ୍ଟ ହେଲି । ସୁଯୋଗ ପାଇଲେ ଶ୍ରୀକ୍ଷେତ୍ର ଯାଇ ଜଗନ୍ନାଥଙ୍କୁ ଦର୍ଶନ କରିଆସୁଥିଲି । ପ୍ରଭୁଙ୍କ ଘୋଷଯାତ୍ରା ଦେଖିବାର ସୁଯୋଗ କିନ୍ତୁ ମିଳି ନ ଥିଲା ।

ବଲାଙ୍ଗିରରୁ ଭୁବନେଶ୍ୱରକୁ ବଦଳି ହେଇ ଆସିବା ପରେ ଅନେକ ଥର ଭାବିଛି, ଏଇ ଥର ହିଁ ରଥଯାତ୍ରାରେ ତିନି ଦିଅଁଙ୍କ ରଥ ସ୍ୱହସ୍ତରେ ଟାଣିବି । ଭୁବନେଶ୍ୱରରେ ତିନି ବର୍ଷରୁ ଅଧିକ କାଳ ରହିଲା ପରେ ବି ସମ୍ଭବ ହେଇ ନଥିଲା । କୌଣସି କାରଣରୁ ରଥଯାତ୍ରା ଦେଖିଯିବାଠୁ ନିଜକୁ ନିବୃତ୍ତ ରଖୁଥିଲି । ଠାକୁରଙ୍କ ଇଚ୍ଛା ବୋଧହୁଏ ସେଇୟା ଥିଲା । ଶୁଣିଛି, ଭାଗ୍ୟରେ ନଥିଲେ ରଥାରୁଢ଼ ତିନିମୂର୍ତ୍ତି ଦର୍ଶନ କରିବାର ସୌଭାଗ୍ୟ ମିଳେ ନାହିଁ । ସେଇ ସୌଭାଗ୍ୟର ଦିନଟି ଆସିଲା ମୋ' ଭାଗ୍ୟକୁ ୨୦୧୬ ରଥଯାତ୍ରା ବେଳେ । ଖୁସିରେ ଆତ୍ମହରା ହେଇପଡ଼ିଥିଲି ଯେତେବେଳେ ତାଳଧ୍ୱଜ, ଦେବଦଳନ ଓ ନନ୍ଦିଘୋଷ ରଥର ଦଉଡ଼ି ନିଜ ହାତରେ ସ୍ପର୍ଶ କଲି । ମୋତେ ଲାଗିଥିଲା କୋଟି ଜନ୍ମର ପୁଣ୍ୟ ଗୋଟିଏ ଦିନରେ ପ୍ରାପ୍ତ ହେଇଗଲା । ଭକ୍ତି ଭାବରେ ଗଦଗଦ ହେଇ ଗାଇ ପକାଇଲି – 'ଜଗନ୍ନାଥ ସ୍ୱାମୀ ନୟନ ପଥଗାମୀ ଭବ ତୁମେ .....' । ରଥ ପଥ ସବୁ ମୋତେ ଲାଗୁଥିଲା ଜଗନ୍ନାଥମୟ । ବଡ଼ଦାଣ୍ଡ ପ୍ରକମ୍ପିତ ହୋଇଉଠୁଥିଲା ଜଗନ୍ନାଥଙ୍କର ଜୟ ଜୟକାର ଧ୍ୱନିରେ । ଲକ୍ଷ ଲକ୍ଷ ଭକ୍ତଙ୍କ ତୁଣ୍ଡରେ ଗୋଟିଏ ସ୍ୱର – ଜୟ ଜଗନ୍ନାଥ ! ଜୟ ଜଗନ୍ନାଥ ! ଜଗନ୍ନାଥ ସ୍ୱାମୀ କୀ ଜୟ !

ଦାସିଆ ବାଉରୀ ହାତରୁ ଶ୍ରୀଫଳ ଛଡ଼ାଇ ନେଲା ଭଳି ଭିଡ଼ ଭିତରେ ମୋ' ହାତରୁ କିଏ ମୋର ମୋବାଇଲ ଛଡ଼ାଇ ନେଇଗଲା । ଦାସିଆ ଯେମିତି ଜଗନ୍ନାଥ ପ୍ରେମରେ ତଲ୍ଲୀନ ହୋଇ ଜାଣି ପାରିଲେ ନାହିଁ, ମୁଁ ବି ଜାଣି ପାରିନଥିଲି । ମୋର ମନେ ହେଉଥିଲା ମୋ ହାତରେ ଶ୍ରୀଫଳ, ମୁଁ ବଢ଼ାଇ ଦେଇଛି ପ୍ରଭୁଙ୍କ ଆଡ଼େ ଏବଂ ଲୀଳାମୟ ନନ୍ଦୀଘୋଷରୁ ଓହ୍ଲାଇ ଆସି ମୋ' ହାତରୁ ଶ୍ରୀଫଳ ଛଡ଼ାଇ ନେଉଛନ୍ତି । ମୁଁ ବେନି ଭୁଜ ପ୍ରସାରି ଗାଇ ଚାଲିଛି – 'ଜଗନ୍ନାଥ ହୋ କିଛି ମାଗୁ ନାହିଁ ତୋତେ..... !' ପ୍ରକୃତିସ୍ଥ ହେଲାବେଳକୁ ମୋ' ହାତ ମୋବାଇଲ ଶୂନ୍ୟ ।

ରଥେ ତୁ ବାମନଂ ଦୃଷ୍ଟା ପୁନର୍ଜନ୍ମ ନ ବିଦ୍ୟତେ । ଏଇ ପଦଟିଏ କଥା ହିଁ ମୋତେ ଟାଣି ନେଇଥିଲା ଜଗା ପାଖକୁ । ବୈକୁଣ୍ଠ ପ୍ରାପ୍ତି ହେବାର ଆଶା ମୋ' ଭିତରେ ପ୍ରସ୍ଫୁଟିତ ହୋଇ ଉଠୁଥିଲା । ଆମ ଶାସ୍ତ୍ର ଅନୁସାରେ ଆତ୍ମା ପରମାତ୍ମା ସହିତ ଲୀନ ହେବାଯାଏ ଏକ ଚକ୍ରାକାର ପ୍ରକ୍ରିୟାରେ ଚାଲେ । ତାରି ଭିତରେ ଆତ୍ମାକୁ ବିଭିନ୍ନ ରୂପରେ ଜନ୍ମ ନେବାକୁ ହୁଏ । କର୍ମ ଅନୁସାରେ ସିଏ ବିଭିନ୍ନ ରୂପରେ ଜନ୍ମ ଲାଭ କରି କଷ୍ଟ ଭୋଗେ । ପରମାତ୍ମା ଯାଏ ପହଂଚିବାକୁ ତାକୁ ଯୁଗ ଯୁଗ ଲାଗିଯାଏ । କିନ୍ତୁ ଜଗନ୍ନାଥଙ୍କୁ ଦର୍ଶନ କଲେ ଥରକରେ ବୈକୁଣ୍ଠ ପ୍ରାପ୍ତି ହୁଏ । ଜଗନ୍ନାଥଙ୍କୁ ଦର୍ଶନ କରୁ କରୁ ମୋର ନ ହୋଇ ମୋର ମୋବାଇଲର ବୈକୁଣ୍ଠ ପ୍ରାପ୍ତି ହୋଇଗଲା ।

ସତ କହୁଛି ଜଗତ ଠାକୁର ! ମୋତେ ଖୁବ ଇଚ୍ଛା ହେଉଥିଲା କବିସୂର୍ଯ୍ୟ ବଳଦେବଙ୍କ ଭଳି ସେଠାରେ ଗାଳି ଦେବାକୁ – '...... ତୁମ୍ଭକୁ ଜଗନ୍ନାଥ ! ଆଜ ମୋ' ମନୋରଥ ଭରତି ଦେବି ଗାଳି, ହେ କୃପାନିଧି ।' ତୁମେ ଥାଉ ଥାଉ ମୋର ମୋବାଇଲ ଉଭାନ ହେଇଗଲା, କେମିତି ସହ୍ୟ କଲ ଠାକୁରେ ! ତମେ ଲୀଳାମୟ ଲୀଳା ଭିଆଇଲ ବୋଧହୁଏ; ସେଥିପାଇଁ ତ ଆଜି ଯାଏ ଶୟନେ ସପନେ ଜାଗରଣେ ତୁମ କଥା ହିଁ ଭାବୁଛି !

ସତରେ ତୁମକୁ ଶାସ୍ତ୍ରରେ, ଶବ୍ଦରେ, ନୀତିରେ, ନିୟମରେ, ଗୀତରେ, ଶ୍ଳୋକରେ, ଛୁଆଁରେ, ଅଛୁଆଁରେ, ପାପରେ, ପୁଣ୍ୟରେ ବାନ୍ଧି ହେବ ନାହିଁ । ତମେ ଭାବର ଠାକୁର । ଯିଏ ତମ ସାଥେ ଭାବ ରଖିଲା ତାର ନିକଟତର ହେଲ । ଭାବକୁ ନିକଟ ଅଭାବକୁ ଦୂର । ତପୀ ପାପୀ, ଚୋର ଚଣ୍ଡାଳ ସଭିଏଁ ତୁମରି ଭକ୍ତ । ମୋବାଇଲ ଚୋର ବି ନିଶ୍ଚେ ତୁମର ଭକ୍ତ ହୋଇଥିବ ।

ଶୁଣିଛି, ରାଜା ପୁରୁଷୋତ୍ତମ ଦେବ କାଂଚି ରାଜାଠାରୁ ପରାଜିତ ହେବା ପରେ ଅପମାନିତ ହୋଇ ଫେରି ଆସି ତୁମର ଚରଣାଶ୍ରିତ ହେଲେ । ତୁମେ ଦୁଇ ଭାଇ କଳାଘୋଡ଼ା ଧଳାଘୋଡାରେ ଧାଇଁ ଯୁଦ୍ଧ କଲ । ପୁରୁଷୋତ୍ତମ ଦେବ କାଂଚି ରାଜାକୁ ପରାଜିତ କରି ରାଜକନ୍ୟା ପଦ୍ମାବତୀକୁ ଆଣିଲେ । ପରେ ତାଙ୍କୁ ପାଟରାଣୀ କଲେ । ଭକ୍ତ ଭାବରେ ମୋ' ଅଧିକାର ଜାହିର କରୁଛି ଠାକୁରେ ! ତମେ କେଉଁ ବେଶରେ ଆସି ମୋ ମୋବାଇଲ ହେଲେ ଠାବ କରିଥା'ନ୍ତ ! ଭକ୍ତ ପାଇଁ କେତେ କଣ କରିପାର । ଗଣିକା ଯମୁନାଠୁ ଫେରି ରଥ ଉପରେ ଚଢି ଯାଇଥିବାରୁ, ଦଇତା ପତିଠୁ ତଡ଼ା ଖାଇଥିବା ତମର ପରମ ଭକ୍ତ ବଳିଆ ଦାସ ପାଇଁ ରଥରୁ ଓହ୍ଲାଇ ଯାଇ ବାଲି ରଥରେ ବାନ୍ଧି ହେଇପାର । ଦେବଦାସୀ ଲାବଣ୍ୟପ୍ରଭା ଓ ତମର ପରମ ଭକ୍ତ ତଳିଛୁ ମହାପାତ୍ରକୁ ମହାରାଜ ଭାନୁଦେବଙ୍କଠାରୁ ବଂଚାଇବା ପାଇଁ ମହାପ୍ରଭୁ ତମ ପୃଷ୍ଠଦେଶରେ ଘନ କଳାକେଶର ଲହଡା ଭଙ୍ଗାଇ ପାର । ମୋ ବେଳକୁ କିଆଁ ନିର୍ଦ୍ଦୟ ହୋଇଗଲ । ସତ କହିବାକୁ ଗଲେ ତମ ପ୍ରତି ମୋର ଅନୁରାଗ ବଢି ବଢି ଚାଲିଛି । ଯେହେତୁ ତମେ ସ୍ନେହ ଶ୍ରଦ୍ଧାର ସୀମାହୀନ ସାଗର । କବିଙ୍କ ଭାଷାରେ – ପ୍ରେମ ଭାବେ ଯା'ର ଅନ୍ତର ପୂରିତ, ସର୍ବପ୍ରାଣୀ ହୃଦ ତା' ହୃଦେ ଅଙ୍କିତ ।

ହେ ପ୍ରଭୁ ! ତମେ ନିଶ୍ଚେ ଭାବୁଥିବ ମୁଁ ଏଇ ପାର୍ଥିବ ପଦାର୍ଥରେ ମୋହାଚ୍ଛନ୍ନ କାହିଁକି ? ଯିଏ ପାର୍ଥିବ ଜଗତକୁ ପରିତ୍ୟାଗ କରିପାରିବ ନାହିଁ, ସେ ତମର ଅନୁଗାମୀ ହୋଇ ପାରିବ କେମିତି ! ବର୍ତ୍ତମାନ ଯୁଗରେ ମୋବାଇଲ ଯେ ନିତାନ୍ତ ଦରକାରୀ ଏ କଥା ତମକୁ କେମିତି ବୁଝେଇବି ! ହଁ ମନେ ପଡିଗଲା, ଦ୍ୱାପର ଯୁଗରେ ତମରି କଥା । ଥରେ ତମର ତୁଚ୍ଛ ବାଉଁଶର ବଂଶୀ ଖଣ୍ଡିକ ହଜି ଯାଇଥିଲା ଯେ ଖାଇବା ପିଇବା ଛାଡ଼ି ଦେଇଥିଲ । ତମର ପ୍ରାଣ ପ୍ରତିମା ଶ୍ରୀରାଧାଙ୍କୁ କେତେ କାକୁତି ମିନତି ହେଇ କହୁଥିଲ – ଗୋ ରାଧେ ! ବଂଶୀଟି ଆମର ଦିଅ । ହସ୍ତର କଙ୍କଣ ଗଳାରତ୍ନ ହାର ଯାହା ଇଚ୍ଛା ତାହା ନିଅ ..... । ଏବେ ନିଶ୍ଚୟ ବୁଝିପାରୁଥିବ କଳିଯୁଗରେ ମୋବାଇଲର ମହତ୍ୱ ।

ଆମେ ତମକୁ ଖୁବ ଅଳିଅର୍ଦ୍ଦଳି କଲା ପରେ ବି ଆମର କଥାକୁ କର୍ଣ୍ଣପାତ କଲ ନାହିଁ । ଆମେ ଭାବିଲୁ ତମେ ତମର ବାକି ନଅ ଅବତାରରେ ବହୁତ କାମ କରିଛ ତ' ଦଶମ ଅବତାରରେ ଟିକେ ବିଶ୍ରାମ ନେଇଛ । ସରକାରୀ ଚାକିରିରୁ ଅବସର ନେଲା ଭଳି ତମର ଦଶମ ଅବତାର । ନୁହେଁ କି ? ଶ୍ରୀମନ୍ଦିରରେ ଆରାମରେ ବସି ଷାଠିଏ ପଉଟି ଭୋଗ ଖାଉଛ, ଦିନସାରା ମଣିଷ ଭଳି ଦୈନନ୍ଦିନ କାର୍ଯ୍ୟ ସବୁ କରୁଛ । ଶୋଇବା ଆଗରୁ ଦେବଦାସୀଠାରୁ ଗୀତଗୋବିନ୍ଦ ଶୁଣି ଆରାମରେ ଶୋଇଯାଉଛ । ବଡ଼ ବଡ଼ ଆଖିରେ ସବୁ ଦେଖୁଛ ହେଲେ କିଛି କରୁନ । ତୁମର ଅପାରଗତା ଦେଖି ସେଦିନ ମୁଁ ବାଧ ହେଇ ଗଲି କୁମ୍ଭାରପଡ଼ା ଥାନାକୁ, ଅଭିଯୋଗ ଲେଖିବା ପାଇଁ ।

ତମେ ଯେମିତି ସବୁ ଶୁଣି କିଛି କରୁନାହଁ, କୁମ୍ଭାରପଡ଼ା ଥାନା ଅଧିକାରୀ ମଧ୍ୟ ସବୁ ଶୁଣିଲା ପରେ କିଛି ପଦକ୍ଷେପ ନେବା ସପକ୍ଷରେ ନ ଥିଲେ । ତମ ପାଖେ ପାଖେ ରହି ସେ ବି ସବୁ ଶିଖିଗଲେଣି । ତମେ ସଂସାରର ମୁରବୀ, ସେ ଥାନାର ମୁରବୀ । ତମେ ଚାହିଁଲେ ସଂସାର ଚାଲିବ, ସେ ଚାହିଁଲେ ଥାନା ହଲିବ, ଆଉ ଦୁହେଁ ନ ଚାହିଁଲେ ....... । ମୁଁ ଯାଇ ସବୁ କଥା ଥାନାବାବୁଙ୍କୁ କହିଲା ପରେ ଏଫ୍‌ଆଇଆର ଦେବା ପାଇଁ କହିଲେ । କାଗଜ ଖଣ୍ଡେ ମାଗିବାରୁ ଝିଙ୍ଗାସି ହେଇ କହିଲେ, ଏଠି କିଛି ମିଳିବ ନାହିଁ ଯାଅ ବହି ଦୋକାନରୁ କିଣି ଆଣ । ମୁଁ ଜାଣିବାରେ ଏଫ୍‌ଆଇଆର ଦେବା ପାଇଁ ଥାନାରେ ଏକ ଫର୍ମ ମିଳେ, ଯାହାକି ଅଭିଯୋଗକାରୀକୁ ମାଗଣାରେ ଦେବା କଥା । ତଥାପି ତାଙ୍କ ସହିତ ଯୁକ୍ତିତର୍କ ନ କରି ନିକଟସ୍ଥ ପୁସ୍ତକ ଦୋକାନରୁ କାଗଜ ଖଣ୍ଡେ କିଣି ଆଣି ଅଭିଯୋଗ ଲେଖିବା ଆରମ୍ଭ କଲି । ସେତିକିବେଳେ ଥାନାବାବୁ ନିଜ ଆସନରୁ ଉଠି ଯାଇଥିଲେ ଓ ମଧ୍ୟମ ଚେହେରାର ଜଣେ ଅଧିକାରିଣୀ ଆମ ସାମ୍ନାରେ ଉଭା ହେଇ ସାରିଥିଲେ । ମହାଶୟାଙ୍କୁ ମୋ ଗୁହାରି ଜଣାଇଲି, ନନ୍ଦିଘୋଷ ରଥ ପାଖରୁ ମୋର ମୋବାଇଲ ଚୋରି ହୋଇଗଲା ଅଭିଯୋଗ ଦେବା ପାଇଁ ଆସିଛି କହିଲି । ତାଙ୍କ ଶ୍ରୀବଦନକୁ କୁଞ୍ଚିତ କରି ଗୁଣୁ ଗୁଣୁ ହେଲେ – 'ଶଃ ... ନିଜ ଅବହେଳାରୁ ମୋବାଇଲ ହଜାଇବେ, ଆମକୁ ଟେନ୍‌ସନ୍ ଦେବେ ।' ମୋତେ ଧମକେଇବା ସ୍ୱରରେ କହିଲେ- ମୋବାଇଲ ହଜିଗଲା ବୋଲି ଲେଖନ୍ତୁ, ଚୋରି ହେଇଛି ଲେଖିଲେ ଏଫ୍‌ଆଇଆର ରଖିବି ନାହିଁ । ସେଇୟା ହିଁ ଲେଖିଲି । ଅପେକ୍ଷା କରିବା ପାଇଁ କହିଲେ କିଛି ସମୟ । ଦୀର୍ଘ ଦୁଇଘଂଟା କାଳ ଅପେକ୍ଷା କଲା ପରେ କହିଲେ- ଯାଆନ୍ତୁ, ମୋବାଇଲ ମିଳିଲେ ଆପଣଙ୍କୁ ଫୋନ ଦ୍ୱାରା ଜଣାଇ ଦିଆଯିବ ।

ସେଦିନ ଶୂନ୍ୟ ହସ୍ତରେ ଫେରି ଆସିଥିଲି ସତ, ହେଲେ ତମକୁ ରଥ ଉପରେ ଦର୍ଶନ କରି ଜନ୍ମ ଜନ୍ମାନ୍ତରର ଆନନ୍ଦ ପାଇଥିଲି । ତମକୁ ଅତି ଆପଣାର ଭାବି ହାଲୁକା କଥାଟେ ଲେଖିଦେଲି । ଦୋଷ ଧରିବନି ମହାବାହୁ ।



## ସଂପାଦକୀୟ

# ଇଚ୍ଛାମୟଙ୍କ ଯାହା ଇଚ୍ଛା

ଶାସ୍ତ୍ର କହୁଛି, ତାହାର ଯାହା ଇଚ୍ଛା, ତାହା ହିଁ ଘଟେ ଜଗତରେ । ତା'ର ଇଚ୍ଛା ଯାହା ରହିଥିଲା, ତାହା ଘଟିଥିଲା ଇତିହାସରେ । ଆଜି ତା'ର ଯାହା ଇଚ୍ଛା, ତାହା ହିଁ ଘଟୁଛି ଏବଂ ଆଗାମୀ ସମୟରେ ତା'ର ଯାହା ଇଚ୍ଛା ହେବ, ତାହା ହିଁ ଘଟିବ; ଏଥିରେ ତିଳେମାତ୍ର ସଂଦେହ ନାହିଁ ।

ସେ ଇଚ୍ଛାମୟ । ଇଚ୍ଛାର ସମ୍ରାଟ । ସମଗ୍ର ଇଚ୍ଛାର ଅଧିକାରୀ । ଜଗତର କଲ୍ୟାଣ ପାଇଁ ତା'ର ଇଚ୍ଛା ସଦା ସମର୍ପିତ । ତା'ର ଇଚ୍ଛା ସାମ୍ନାରେ ତୁଚ୍ଛ ମଣିଷର ଇଚ୍ଛା ନିହାତି ନଗଣ୍ୟ ଓ ମୂଲ୍ୟହୀନ । ଏହାକୁ ସ୍ୱୀକାର କରିବାକୁ ହେବ ମାନବ ସମାଜକୁ । କୁହାଯାଇଛି, ତା'ର ଇଚ୍ଛା ନହେଲେ ଗଛର ପତ୍ର ବି ହଲେନାହିଁ । ତା'ର ଆଜ୍ଞା ବିନା କେହି ବି କେବେ ଗତିଶୀଳ ନୁହନ୍ତି । ସିଏ ସର୍ବବ୍ୟାପୀ, ସର୍ବଦ୍ରଷ୍ଟା, ସରବ କରତା, ଗତିମୁକ୍ତି ଦାତା । ସେ ହିଁ ତିନି ଭୂବନକୁ ବ୍ୟାପ୍ତ ଜଗତ ପରିଚାଳକ ।

ସିଏ ଦିଏ, ସିଏ ହିଁ ନେଇଯାଏ । ସିଏ ଗଢ଼େ, ସିଏ ହିଁ ଭାଂଗିଦିଏ । ସିଏ ଯୋଡ଼େ, ସିଏ ହିଁ ବିଚ୍ଛିନ୍ନ କରିଦିଏ । ସିଏ ହସାଏ, ସିଏ ହିଁ କନ୍ଦାଏ । ସିଏ ହିଁ ମୋହିନୀ ସଂଗୀତ, ସିଏ ହିଁ ମହାପ୍ରଳୟ । ପ୍ରତ୍ୟେକ ଘଟଣା ପଛରେ ସିଏ ହିଁ ଠିଆ ହୋଇଥାଏ ଅଦୃଶ୍ୟରେ ଅସଲ ନାୟକ ।

ତା'ର ଆଲୋକରେ ଆଲୋକିତ ସଚରାଚର । ତା'ର ଇଚ୍ଛାରେ ଆତଯାତ ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ ଓ ନକ୍ଷତ୍ର । ତା'ର ଇଂଗିତରେ ଜନ୍ମମୃତ୍ୟୁର ଘମାଘୋଟ ଭଉଁରୀ । ତା'ର ପରିଚାଳନାରେ ହିଁ ପରିଚାଳିତ ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡ । ସଭିଏଁ ତା'ର ଅଦୃଶ୍ୟ ଅଧୀନରେ । ଯେତେବେଳେ ଯେଉଁଠି ଚାହେଁ ଯେଉଁ ରୂପରେ ବି ଉଭାହୁଏ । ଯେତେବେଳେ ଯେମିତି ଚାହେଁ ଚଳାଏ ପୃଥିବୀକୁ । ଯେମିତି ଚାହେଁ ସେମିତି ନଚାଏ ଜୀବ ଜଗତକୁ । କାହାକୁ କେତେବେଳେ ଘୋର ବିପଦରୁ ଟେକିନିଏ ବାହୁ ପ୍ରସାରୀ ତ' କେତେବେଳେ କାହାର ଡାକରେ ପ୍ରସନ୍ନ ହୋଇ ଅଜାଡ଼ିଦିଏ କରୁଣା । ସେ ଆକାଶ ଭଳି ମହା ବିଶାଳ କେତେବେଳେ ତ' କେତେବେଳେ ସୂକ୍ଷ୍ମାତି ସୂକ୍ଷ୍ମ; ପୃଥିବୀର ସମସ୍ତ ଅଣୁରେ ବିଦ୍ୟମାନ ।

ଭକ୍ତବିହୀନ ବଡ଼ଦାଣ୍ଡରେ ଆଜି ରଥ ଗଡ଼ିଲା । ବିଶ୍ୱର କୋଣେ ଅନୁକୋଣେ ରହିଥିବା ଜଗନ୍ନାଥ ଭକ୍ତ ରଥଯାତ୍ରା ଦର୍ଶନର ସୁଯୋଗ ପାଇ ପାରିଲେ ଦୂରଦର୍ଶନ ମାଧ୍ୟମରେ । ଗତ ବର୍ଷ ପରି ଚଳିତ ବର୍ଷ ମଧ୍ୟ ଭକ୍ତମାନଙ୍କ ଭିଡ଼ ନଥିଲା ବଡ଼ ଦାଣ୍ଡରେ । ସେବାୟତମାନଙ୍କ ଦ୍ୱାରା ହିଁ ଅନୁଷ୍ଠିତ ହୋଇଛି ରଥଯାତ୍ରା । ନୀତିକାନ୍ତି ଅନୁସାରେ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ମନ ମୋହିଲା ଭକ୍ତଙ୍କ । ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ ହେଉଥିବା ବଡ଼ଦାଣ୍ଡ ରଥଯାତ୍ରା ବେଳେ ଖାଲି ଖାଲି ଅନୁଭବ ହୋଇଛି ।

କୁହାଯାଉଛି ଯେ, ଗତ ତିନି ଶହ ବର୍ଷ ମଧ୍ୟରେ ଏଭଳି ଭକ୍ତଶୂନ୍ୟ ରଥଯାତ୍ରା ହୋଇ ନଥିଲା । ଅତ୍ୟନ୍ତ ଶୃଙ୍ଖଳାର ସହ ରଥ ଟାଣୁଥିବା ସେବାୟତମାନେ ଜଗତ ସ୍ରଷ୍ଟା ଜଗନ୍ନାଥଙ୍କ ପ୍ରତି ଆହୁରି ସମର୍ପିତ ହୋଇ ଉଠିଥିଲେ । ଟିଭି ପରଦାରେ ଦର୍ଶନ କରୁଥିଲେ ଅଗଣିତ ବିଶ୍ୱର କୋଣ ଅନୁକୋଣେ ରହିଥିବା ଜଗନ୍ନାଥ ପ୍ରେମୀ । ଅବଶ୍ୟ ଏହା ସତ ଯେ, ଇଚ୍ଛାମୟ କାଳିଆ ଠାକୁରଙ୍କ ଇଚ୍ଛା ବିନା କେବେ ବି ସମ୍ଭବ ନୁହେଁ । ତାଙ୍କର ଆଶୀଷରେ ହିଁ ବଡ଼ଦାଣ୍ଡ ତା'ର ପୂର୍ବ ମର୍ଯ୍ୟାଦା ବଜାୟ ରଖି ପାରିଛି କହିଲେ କିଛି ଅତ୍ୟୁକ୍ତି ହେବନାହିଁ । ସେହି ଇଚ୍ଛାମୟଙ୍କୁ ଦଣ୍ଡବତ । ତା'ର ପ୍ରତ୍ୟେକ ଇଚ୍ଛାକୁ କୋଟିଏ ପ୍ରଣିପାତ । ତା'ର ଇଚ୍ଛା ହେଉ, ଜଗତବାସୀଙ୍କ କଲ୍ୟାଣ ପାଇଁ । ଏହା ହିଁ ଏଭଳି ଏକ ମହାର୍ଘ୍ୟ ବେଳାରେ ଘୋଷଯାତ୍ରା ସମୟରେ ଆନ୍ତରିକ କାମନା ।

# କଳାହାଣ୍ଡି ଜିଲ୍ଲାରେ ବାଘ ଛାଲ ରାକେଟ୍ ପର୍ଦ୍ଦାଫାସ : ୨୪ ଘଂଟାରେ ୯ ବାଘ ଛାଲ ଜବତ, ୭ ଗିରଫ



ଭବାନୀପାଟଣା, (ନିପ୍ର) : କଳାହାଣ୍ଡି ଜିଲ୍ଲାରେ ବାଘ ଛାଲ ଚୋରା ଚାଲାଣ ରାକେଟ୍‌ର କ୍ରମାଗତ ପର୍ଦ୍ଦାଫାସ କରିବାରେ ସଫଳ ହୋଇଛି ଜିଲ୍ଲା ବନ ବିଭାଗ । ବାଘ ଛାଲ ଚୋରା ଚାଲାଣ ରାକେଟ୍‌ରେ ଏକ ବଡ ଗୋଷ୍ଠୀ ସକ୍ରିୟ ଥିବା ସାମ୍ନାକୁ ଆସୁଛି । ସଂପୃକ୍ତ ଚାଲାଣକାରୀଙ୍କ ସଂଖ୍ୟା ବଢ଼ି ବଢ଼ି ଚାଲିଛି । ଗତ ୨୪ ଘଂଟାରେ କଳାହାଣ୍ଡି ଜିଲ୍ଲା ଉତ୍ତର ବନଖଣ୍ଡ ଓ ଦକ୍ଷିଣ ବନଖଣ୍ଡରୁ ସମୁଦାୟ ୯ଟି ବାଘ ଛାଲ ଜବତ ଓ ଦୁଇଟି ବାଘ ଦାନ୍ତ ଜବତ ହୋଇଛି । ଏଥିରେ ସଂପୃକ୍ତ ୭ ଚାଲାଣକାରୀ ଗିରଫ ହୋଇଥିବା ଜିଲ୍ଲା ବନ ବିଭାଗରୁ ସୂଚନା ଦିଆଯାଇଛି ।

ଜିଲ୍ଲାରେ ବାଘ ଛାଲ ରାକେଟ୍ ଘଟଣାରେ ଅଧିକ ଖୋଳତାଡ ପରେ ଗତ ଶୁକ୍ରବାର ଗିରଫ ହୋଇଥିବା ବଫଲା ଗାଁର ରଙ୍ଗାଚରଣ ଭୋଇ ଠାରୁ ଶନିବାର ସନ୍ଧ୍ୟାରେ ପୁଣି ୪ଟି ବାଘ ଛାଲ ଜବତ ହୋଇଥିବା ଉତ୍ତର ବନଖଣ୍ଡ ଡିଏଫଓ ନିତିଶ କୁମାର ସୂଚନା ଦେଇଛନ୍ତି । ସୂଚନାନୁସାରେ, ବାହାର ରାଜ୍ୟର ଜଣେ ଗ୍ରାହକ ପାଖରୁ ପ୍ରଥମେ ସୁରାକ ପାଇ କେନ୍ଦ୍ରୀୟ ବନ୍ୟ ପ୍ରାଣୀ ଅପରାଧ ନିୟନ୍ତ୍ରଣ ବ୍ୟୁରୋ (ଡବ୍ଲୁସିସିବି) ଛତିଶଗଡ ବନ ବିଭାଗ ଆଉ ଓଡିଶା ବନ ବିଭାଗର ମିଳିତ ଭାବେ ଏକ ବ୍ଲୁ ପ୍ରିଂଟ ପ୍ରସ୍ତୁତ କରି ଏହି ଚଢ଼ାଉ କରିଥିଲେ । ଚଢ଼ାଉରେ କଳାହାଣ୍ଡି ଜିଲ୍ଲାର ୭ ଜଣ ଗିରଫ ହୋଇଛନ୍ତି । ସ୍ଥାନୀୟ ବେପାରୀ ମଧ୍ୟରେ ମ.ରାମପୁରର ମନୋଜ ବେହେରା, ନର୍ଲାର ନରୋତ୍ତମ ଭୋଇ, ବଫଲା ଗ୍ରାମର ରଙ୍ଗାଚରଣ ଭୋଇ, ଅମାଠର କାର୍ତ୍ତିକ ରଣାଙ୍କୁ ଗିରଫ କରାଯାଇଛି ।

ଅପର ପକ୍ଷରେ ଦକ୍ଷିଣ ବନଖଣ୍ଡ ପକ୍ଷରୁ ଡବ୍ଲ୍ୟୁସିସିବି ସୂଚନା ମୁତାବକ ଶନିବାର କଳାହାଣ୍ଡି ଦକ୍ଷିଣ ବନଖଣ୍ଡର ଅନୁସନ୍ଧାନକାରୀ ଟିମ୍ ଜାରିଙ୍ଗ ନିକଟରେ ଚାଲାଣକାରୀଙ୍କଠାରୁ ଦୁଇଟି କଲରାପତରିଆ ବାଘର ଛାଲ ଓ ଗୋଟେ ଦାନ୍ତ ଜବତ କରିଛନ୍ତି ।

ବିଭାଗର ସୂଚନା ଅନୁସାରେ କେଗାଁର ଦୁଇ ଜଣ ଚାଲାଣକାରୀ ଭୁଲିଆର ବାଗ ଓ କୋଦଣ୍ଡ ଗୌଡ ପୁଟିଆଚୋରା-ରେଙ୍ଗସାପାଲିରୁ ବାଇକ୍‌ରେ ଦୁଇଟି କଲରାପତରିଆ ବାଘ ଛାଲ ଓ ବାଘ ଦାନ୍ତ ବାଇକ୍‌ରେ ଚୋରା ଚାଲାଣ କରୁଥିବା ବେଳେ ଏସିଏଫ୍ ଶିବ ପ୍ରସାଦ ରଥଙ୍କ ନେତୃତ୍ୱରେ ଏକ ଅନୁସନ୍ଧାନ ଟିମ୍ ଚାଲାଣକାରୀ ଦ୍ୱୟଙ୍କୁ ଶୁକ୍ରବାର ରାତି ପ୍ରାୟ ସାଢ଼େ ୧୦ଟାରେ ଜାରିଙ୍ଗ ନିକଟରେ ଗିରଫ କରିଥିଲେ । ସେମାନଙ୍କ ସୂଚନା କ୍ରମେ କେଗାଓଁ ଗୁଣ୍ଡି ଅଂଚଳ ମହିମା ଆଶ୍ରମରୁ ଅନ୍ୟ ଜଣେ ସଂପୃକ୍ତ ଉଆଁଶୁ ଜାନୀକୁ ଗିରଫ କରାଯାଇଥିଲା । ବାଘ ଛାଲ ଚୋରା ଚାଲାଣ ଘଟଣାରେ ତିନି ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଦେବରାଜ ନାମକ ଅନ୍ୟ ଜଣେ ଅଭିଯୁକ୍ତ ଫେରାର୍ ଥିବା ସୂଚନା ଦିଆଯାଇଛି ।

ଛତିଶଗଡ ଉଦନ୍ତୀଶିତା ନଦୀ ବ୍ୟାଘ୍ର ସଂରକ୍ଷଣ ଓ ଖରିଆର ସୀମାନ୍ତ ଦେଇ ବାଘ ଛାଲ ଚୋରା ଚାଲାଣ ହେଉଥିବା ଡବ୍ଲ୍ୟୁସିସିବି ସୂଚନା ଦେଇଥିଲେ । ତାହାରି ଆଧାରରେ କଳାହାଣ୍ଡି ବନ ବିଭାଗ ଏକ ମିଶନ କ୍ରମେ ବାଘ ଛାଲା ଚାଲାଣ ର୍‌ୟାକେଟ୍ ଧରିବା ପାଇଁ ଜିଲ୍ଲା ପୁଲିସ୍‌ର ସୁଯୋଗରେ ତଦନ୍ତ ଜାରି ରହିଛି ବୋଲି ଦକ୍ଷିଣ ଡିଏଫ୍‌ଓ ଟି.ଅଶୋକ କୁମାର ସୂଚନା ଦେଇଛନ୍ତି । ତେବେ ଆଗକୁ କଳାହାଣ୍ଡି ଜିଲ୍ଲାରେ ସକ୍ରିୟ ବାଘ ଛାଲ ରାକେଟ୍‌ରେ ବଡ ବଡ ମୁଣ୍ଡ ମଧ ଧରାପଡିବା ଆଶଙ୍କା କରାଯାଉଛି ।

# ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କଲେ କଂଟାବାଞ୍ଜି ବିଧାୟକ ଶ୍ରୀ ସାଲୁଜା



ବଙ୍ଗୋମୁଣ୍ଡା, (ନିପ୍ର) : ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକର ବିଭିନ୍ନ ପ୍ରକଳ୍ପକୁ କଂଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା ଯୋଗ ଦେଇ ଉଦ୍‌ଘାଟନ କରିଛନ୍ତି । ଏଥିରେ ପ୍ରଥମେ କଂଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜାମଖୁଂଟା ପଂଚାୟତରେ ନୂତନ ଡାକ୍ତରଖାନାକୁ ଉଦ୍‌ଘାଟନ କରିଥିଲେ ।

ସେହିପରି ଝଲପଠାରେ କଲ୍ୟାଣ ମଣ୍ଡପ ଓ ମିଶ ଶକ୍ତିଗୃହ ଉଦ୍‌ଘାଟନ କରିଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବଙ୍ଗୋମୁଣ୍ଡା ବ୍ଲକ ଅଧ୍ୟକ୍ଷା ରଞ୍ଜୁବାଲା ବେହେରା, ଝଲପ ପଂଚାୟତ ସରପଂଚ ଦଣ୍ଡାସୀ ବେହେରା, ପୂର୍ବତନ ସରପଂଚ ରାଜାରାମ ବେହେରା, ଭୋଲାନାଥ ବେହେରା, ଗଣ୍ଡାରାମ ବେହେରା, କାର୍ଯ୍ୟନିର୍ବାହୀ ଅଧିକାରୀ ଯୁଧିଷ୍ଠିର ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ ।

# ବିଜେପି ମହିଳା ମୋର୍ଚ୍ଚା ଜିଲ୍ଲା ଉପସଭାନେତ୍ରୀ ଭାବେ ମନୋନୀତ ହେଲେ ବିଶିଷ୍ଟ ବିଜେପି ନେତ୍ରୀ ସୁଭାଷିନୀ ପ୍ରଧାନ



ପଦ୍ମପୁର, (ନିପ୍ର) : ପଦ୍ମପୁର ଉପଖଣ୍ଡ ପାଇକମାଲ ବ୍ଲକ ପାଇକମାଲ ଗ୍ରାମର ବିଶିଷ୍ଟ ବିଜେପି ନେତ୍ରୀ ଶ୍ରୀମତୀ ସୁଭାଷିନୀ ପ୍ରଧାନ ବିଜେପି ମହିଳା ମୋର୍ଚ୍ଚା ଜିଲ୍ଲା ଉପସଭାନେତ୍ରୀ ଭାବେ ମନୋନୀତ ହୋଇଛନ୍ତି । ଶ୍ରୀମତୀ ପ୍ରଧାନ ବିଜେପି ମହିଳା ମୋର୍ଚ୍ଚା ଜିଲ୍ଲା ସଭାନେତ୍ରୀ ପଦବୀ ପାଇଥିବାରୁ ନିଜେ ଖୁସି ବ୍ୟକ୍ତ କରିବା ସହ ବିଜେପି ରାଜ୍ୟ ସଭାପତି ସମିର ମହାନ୍ତି, ସାଂସଦ ସୁରେଶ ପୂଜାରୀ, ଜିଲ୍ଲା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀ, ପଦ୍ମପୁର ପୂର୍ବତନ ବିଧାୟକ ତଥା ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ପ୍ରଦୀପ ପୁରୋହିତଙ୍କୁ କୃତଜ୍ଞତା ଜଣାଇବା ସହ ଅଂଚଳର ମହିଳା ମାନଙ୍କର ଅଗ୍ରାଧିକାର ପାଇଁ ସବୁବେଳେ ପ୍ରତିଜ୍ଞାବଦ୍ଧ ଅଟନ୍ତି ବୋଲି ପ୍ରକାଶ କରିଛନ୍ତି ।

ବିଜେପି କର୍ମକର୍ତ୍ତାଙ୍କ ଆଶୀର୍ବାଦ ଏବଂ ଅଂଚଳର ସମସ୍ତ ସ୍ତରର ବିଜେପି କର୍ମୀଙ୍କ ସହଯୋଗ କାମନା କରିଛନ୍ତି । ଶ୍ରୀମତୀ ପ୍ରଧାନ ବିଜେପି ମହିଳା ମୋର୍ଚ୍ଚା ଉପସଭାନେତ୍ରୀ ପଦବୀ ମନୋନୀତ ହୋଇଥିବାରୁ ଅଂଚଳରେ ଖୁସିର ଲହରି ଖେଳିଯାଇଛି ଏବଂ ବିଶେଷ କରି ମହିଳା ମାନଙ୍କ ମଧ୍ୟରେ ଶ୍ରୀମତୀ ପ୍ରଧାନଙ୍କୁ ଶୁଭେଚ୍ଛା ବାର୍ତ୍ତା ଛୁଟୁଛି । ଶ୍ରୀମତୀ ପ୍ରଧାନ ବିଜେପି ମହିଳା ମୋର୍ଚ୍ଚା ଉପସଭାନେତ୍ରୀ ପଦବୀରେ ମନୋନୀତ ହୋଇଥିବାରୁ ପଦ୍ମପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ମହିଳାଙ୍କ ବିକାଶ ଦିଗରେ ପଦକ୍ଷେପ ନେବା ପାଇଁ ଆଶା ବ୍ୟକ୍ତ କରାଯାଇଛି । ଶ୍ରୀମତୀ ପ୍ରଧାନଙ୍କୁ ପଦ୍ମପୁର ପୂର୍ବତନ ବିଧାୟକ ତଥା ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ପ୍ରଦୀପ ପୁରୋହିତ ଶୁଭେଚ୍ଛା ଜଣାଇଛନ୍ତି ।

# ଯୁବନେତା ଅର୍କେଶ ସିଂହଦେଓଙ୍କ ସଦର ବ୍ଲକର ବିଭିନ୍ନ ଗାଁ ଗସ୍ତ



ବଲାଙ୍ଗିର, (ନିପ୍ର) : ବଲାଙ୍ଗିର ସଦର ବ୍ଲକର ପୂର୍ବତନ ସରପଂଚ ତଥା ବିଜେଡିର ବରିଷ୍ଠ ନେତା ସ୍ୱର୍ଗତ ସନ୍ତୋଷ ରାଉତରାୟଙ୍କ ବାସଭବନରେ ତାଙ୍କ ପରିବାର ବର୍ଗଙ୍କୁ ସାକ୍ଷାତ କରି ସମବେଦନା ଜଣାଇଥିଲେ ଯୁବନେତା ଅର୍କେଶ ନାରାୟଣ ସିଂହଦେଓ ।

ଏହା ପରେ ବ୍ଲକର ବିଭିନ୍ନ ପଂଚାୟତ ବିଭିନ୍ନ ଗାଁ ବୁଲି କରୋନା ମହାମାରୀରେ ପ୍ରାଣ ହରାଇଥିବା ଚୁଡାପାଲି, ମାୟାବରହା, ଶିବତଲା, ଭୁତିଆରବାହାଲ, କୁଠୁର୍ଲା, କୁଡାସିଂହା ଏବଂ ସିନଖମନ ଗାଁର ଶୋକସନ୍ତପ୍ତ ପରିବାର ମାନଙ୍କୁ ବିଜେଡି ବିଧାୟକ ପ୍ରାର୍ଥୀ ଯୁବନେତା ଅର୍କେଶ ସାକ୍ଷାତ କରି ସମବେଦନା ଜଣାଇବା ସହିତ ଶୋକ ବ୍ୟକ୍ତ କରିବା ପରେ କୁଡାସିଂହା ପଂଚାୟତ ନୂଆପଡା ଗାଁର ଶିବ ମନ୍ଦିର ପ୍ରାଙ୍ଗଣରେ ବନମୋହତ୍ସବ ସପ୍ତାହ ଉପଲକ୍ଷେ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏହି ଗସ୍ତ ସମୟରେ ବଲାଙ୍ଗିର ସଦର ବ୍ଲକର ଅଧ୍ୟକ୍ଷ ଗୁଲାପ ବାଗ, ଜିଲ୍ଲା ସାଧାରଣ ସମ୍ପାଦକ କୈଳାଶ ମହାନ୍ତି, ଜିଲ୍ଲା ଯୁବ ବିଜେଡି ସଭାପତି ରାଜେନ୍ଦ୍ର ପ୍ରସାଦ ହୋତା, ପ୍ରଦ୍ୟୁମ୍ନ ହୋତା, ବିଭୂତି ଭୂଷଣ ମିଶ୍ର, ନିହାର ରଞ୍ଜନ ସ୍ୱାଇଁ, ବ୍ଲକ ଯୁବ ବିଜେଡି ସଭାପତି ଆଶିର୍ବାଦ ସାହୁ, ଗୋବିନ୍ଦ ଚନ୍ଦ୍ର ଶତପଥୀ, ଦୀପକ ପଣ୍ଡା, ବିରସେନ ସାହୁ, ରାକେଶ ବାଗ ପ୍ରମୁଖ ସାମିଲ ହୋଇଥିଲେ ।

# ଲୋଇସିଂହା ବ୍ଲକ ବିଜେପି ପକ୍ଷରୁ ଭ୍ରାମ୍ୟମାଣ ଡିଜିଟାଲ ସେବା ଆରମ୍ଭ




ଲୋଇସିଂହା, (ନିପ୍ର) : ଲୋଇସିଂହା ନିର୍ବାଚନ ମଣ୍ଡଳୀର ବୁର୍ଡା ଗ୍ରାମ ଠାରେ ଭ୍ରାମ୍ୟମାଣ ଡିଜିଟାଲ ସେବା କେନ୍ଦ୍ରର ଶୁଭାରମ୍ଭ କରାଯାଇଛି । ବିଜେପି ଯୁବ ସଂଗଠକ ରାଜୁ ସାହୁଙ୍କ ତତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଲୋଇସିଂହା ବିଧାୟକ ଡ.ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଆଗାମୀ ଦିନରେ ଏହି ନିର୍ବାଚନ ମଣ୍ଡଳୀର ସମସ୍ତ ପଂଚାୟତରେ ଏହି ସେବା ଯୋଗାଇ ଦିଆଯିବ ବୋଲି ସୂଚନା ଦିଆଯାଇଛି । ଏହି ସେବାରେ ଯେଉଁମାନେ ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ବିକଳାଙ୍ଗ ଭତ୍ତା ଅଥବା ରାସନ କାର୍ଡରୁ ବଂଚିତ ଥିବେ କିମ୍ୱା ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇ ନ ଥିବେ, ସେମାନଙ୍କୁ ମାଗଣାରେ ତାଲିକାଭୁକ୍ତ କରି ଉକ୍ତ ସେବା ଯୋଗାଇ ଦିଆଯିବ ।

ବୁର୍ଡା ଗ୍ରାମ ପଂଚାୟତର ଭତ୍ତା ଓ ଆବାସ ଯୋଜନାରୁ ବଂଚିତ ଥିବା ବହୁ ହିତାଧିକାରୀଙ୍କୁ ଏହି ସେବାରେ ଅନ୍ତର୍ଭୁକ୍ତ କରାଯାଇ ରେଫରାଲ ପ୍ରମାଣପତ୍ର ପ୍ରଦାନ କରାଯାଇଥିବା ସୂଚନାରେ କୁହାଯାଇଛି ।




# ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରେମ ଚନ୍ଦ୍ର ଚୌଧୁରୀଙ୍କ ବଲାଙ୍ଗିର ଜିଲ୍ଲା ଗସ୍ତ : କ୍ଷେତ୍ର ପରିଦର୍ଶନ ସହ ସମୀକ୍ଷା ବୈଠକ



ବଲାଙ୍ଗିର, (କେପିଏନ୍ଏସ୍) : ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରେମ ଚନ୍ଦ୍ର ଚୌଧୁରୀ ବଲାଙ୍ଗିର ଜିଲ୍ଲା ଗସ୍ତରେ ଆସି ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅନୁଦାନରେ ନିର୍ମାଣ କରାଯାଇଥିବା ପ୍ରକଳ୍ପ ପରିଦର୍ଶନ କରିଥିଲେ । ପ୍ରଥମେ ବଲାଙ୍ଗିର ସହର ସ୍ଥିତ ସରକାରୀ ଆୟୁର୍ବେଦିକ ମହାବିଦ୍ୟାଳୟ ପଛ ପାଖରେ ନିର୍ମାଣାଧୀନ କଲ୍ୟାଣ ମଣ୍ଡପର ନିର୍ମାଣ କାର୍ଯ୍ୟ ପରିଦର୍ଶନ କରିଥିଲେ । ପରେ ବଲାଙ୍ଗିର ଡେଲି ମାର୍କେଟ ଯାଇ ଡେଲି ମାର୍କେଟ ଉନ୍ନତିକରଣ କାର୍ଯ୍ୟର ତଦାରଖ କରିଥିଲେ । ଏହାପରେ ସିଇଓ ଶ୍ରୀ ଚୌଧୁରୀ ଲର୍କିପାଲି ସ୍ଥିତ ସରକାରୀ ପୋଲି ଟେକ୍ନିକ୍ ପରିଦର୍ଶନରେ ଯାଇ ଅଧ୍ୟାପକ, ଅଧ୍ୟାପିକାଙ୍କ ସହ ସହ ଭିତ୍ତିଭୂମି, ଶିକ୍ଷାଦାନର ବ୍ୟବସ୍ଥା, ବିଭିନ୍ନ ଟ୍ରେଡ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ଦକ୍ଷତା ବିକାଶ ଇତ୍ୟାଦି ସଂପର୍କରେ ସବିଶେଷ ଆଲୋଚନା କରିବା ସହ ଛାତ୍ରଛାତ୍ରୀଙ୍କ ଦକ୍ଷତା ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ । ସରକାରୀ ଆଇଟିଆଇ ପରିଦର୍ଶନରେ ଯାଇ ଅଧ୍ୟାପକ ଅଧ୍ୟାପିକା ମାନଙ୍କ ସହ ଆଲୋଚନା କରିବା ସହ ବିଭିନ୍ନ ଟ୍ରେଡ୍ରୁ ପାସ୍ କରି ପ୍ଲେସ୍‌ମେଣ୍ଟ ପାଇଥିବା ଓ ବିଭିନ୍ନ ସରକାରୀ ସ୍କିମ୍ ମାଧ୍ୟମରେ ଉପକୃତ ଛାତ୍ରଛାତ୍ରୀ ମାନଙ୍କ ସହ ସେ ଆଲୋଚନା କରିଥିଲେ । ପରେ ପଥରଚେପା ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟକୁ ପରିଦର୍ଶନରେ ଯାଇ ବିଦ୍ୟାଳୟର ଭିନ୍ନ ଭିନ୍ନ ଶିକ୍ଷାଦାନର ବ୍ୟବସ୍ଥା, ପାଠାଗାର ଇତ୍ୟାଦି ସଂପର୍କରେ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ସହ ଆଲୋଚନା କରିଥିଲେ । ତାଙ୍କ ପରିଦର୍ଶନ ଅବସରରେ ସେ ଆଦାର୍ଶ ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କରିଥିଲେ । ସିଇଓ ଶ୍ରୀ ଚୋଧୁରୀଙ୍କ କ୍ଷେତ୍ର ପରିଦର୍ଶନ ସମୟରେ ଜିଲ୍ଲାପାଳ ଚଂଚଳ ରାଣାଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ । ପରେ ସିଇଓ ଶ୍ରୀ ଚୌଧୁରୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଏକ ସମୀକ୍ଷା ବୈଠକରେ ଯୋଗ ଦେଇ ବଲାଙ୍ଗିର ଜିଲ୍ଲାରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ତରଫରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ । ଜିଲ୍ଲାରେ କୃଷି, ଉଦ୍ୟାନ କୃଷି, ପ୍ରାଣୀ ସଂପଦ ବିକାଶ, ଅଣୁ, କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ ବିଭାଗ ତଥା ଭିତ୍ତିଭୂମି ବିକାଶ କ୍ଷେତ୍ରରେ ଉଦ୍ୟୋଗ ପ୍ରତିଷ୍ଠା ତଥା ବ୍ୟବସାୟ ନିମନ୍ତେ ଜିଲ୍ଲାର ଉତ୍ସାହୀ ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହିତ କରି ସେମାନଙ୍କର ଦକ୍ଷତା ବିକାଶ କିପରି କରାଯାଇ ପାରିବ ସେ ସଂପର୍କରେ ବିଭାଗୀୟ ଅଧିକାରୀମାନେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପରାମର୍ଶ ଦେଇଥିଲେ । କୃଷି, ଉଦ୍ୟାନ କୃଷି, ପ୍ରାଣୀ ସଂପଦ ବିକାଶ, ଏମ୍‌ଏସ୍‌ଏମ୍‌ଇ., ପୂର୍ତ୍ତ ଇତ୍ୟାଦି ବିଭାଗ ଜରିଆରେ ବିଭିନ୍ନ କୃଷି ଭିତ୍ତିକ ବ୍ୟବସାୟ ସକାଶେ ନୂତନ ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହିତ କରିବା ଏବଂ ବ୍ୟବସାୟ ସଂପର୍କିତ ସମସ୍ତ ପ୍ରକାରର ସହାୟତା ନିମନ୍ତେ ଜିଲ୍ଲା ସ୍ତରରେ ଏକ ଉଦ୍ୟୋଗ ବିକାଶ ସେଲ୍ ଗଠନ କରାଯିବା ସଂପର୍କରେ ଆଲୋଚନା କରିଥିଲେ । ବୈଠକରେ ଜିଲ୍ଲାପାଳ ଶ୍ରୀ ରାଣା ସ୍ୱାଗତ କରିବା ସହ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ତରଫରୁ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଜରିଆରେ ଜିଲ୍ଲାରେ ଯେପରି ବିକାଶ ହୋଇପାରିବ ସେ ସଂପର୍କରେ ଆଲୋଚନା କରିଥିଲେ ।

ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଅନନ୍ତ ନାରାୟଣ ସିଂ ଲାଗୁରୀ, ପିଡ଼ି ଡିଆର୍‌ଡିଏ ଡ.ମହେଶ୍ୱର ସ୍ୱାଇଁଙ୍କ ସମେତ ସଂପୃକ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ପରେ ସିଇଓ ଶ୍ରୀ ଚୌଧୁରୀ ଚୁଡ଼ାପାଲି ସ୍ଥିତ ଦକ୍ଷତା ବିକାଶ ତାଲିମ କେନ୍ଦ୍ର ପରିଦର୍ଶନ କରି ବିଭିନ୍ନ ତାଲିମ ସଂପର୍କିତ କାର୍ଯ୍ୟାବଳୀ ଉପରେ ଆଲୋଚନା କରିଥିଲେ । ଏହାପରେ ବଙ୍ଗୋମୁଣ୍ଡା ବ୍ଲକର କଁସିଲ ଗ୍ରାମ ପଞ୍ଚାୟତ ସ୍ଥିତ କଁସିଲ ଗଡ଼ିଆ ଜୋର୍ ନାଲାରୁ ଭଉଁରିଗୁଭା ରାସ୍ତା ଉପରେ ନିର୍ମିତ ହୋଇଥିବା ହାଇଲେଭେଲ୍ ବ୍ରିଜ୍‌ର ନିର୍ମାଣ କାର୍ଯ୍ୟ ପରିଦର୍ଶନ କରିବା ସହ ବଙ୍ଗୋମୁଣ୍ଡା ବ୍ଲକର କପିଲଭଟା ଗ୍ରାମର ଶ୍ରୀମତୀ ଦହିମତି ମେହେରଙ୍କ କୁକୁଡ଼ା ଫାର୍ମ ପରିଦର୍ଶନ କରିଥିଲେ ।

# ପ୍ରତିଯୋଗୀ ଚୟନ ପାଇଁ ଖପ୍ରାଖୋଲ ବ୍ଲକ ସ୍ତରୀୟ ଆଲୋଚନା

ଖପ୍ରାଖୋଲ, (ନିପ୍ର) : ଖପ୍ରାଖୋଲ ବ୍ଲକ ଅନ୍ତର୍ଗତ ବାଘମୁଣ୍ଡ କେନ୍ଦ୍ରର ସିଆରସିସି ବନମାଳୀ ସାହୁଙ୍କ ସଂଯୋଜନାରେ କେନ୍ଦ୍ରୀୟ ପ୍ରୋସେସର ଅନ୍‌ଲାଇନ୍ ମାଧ୍ୟମରେ ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁରେନ୍ଦ୍ର କୁମାର ପୁରୋହିତ, ସମସ୍ତ ସିଆରସିସି, ଏମଆଇଏସ ଆଦିଙ୍କ ଉପସ୍ଥିତିରେ ଅନୁଷ୍ଠିତ ସଭାରେ ଅତିରିକ୍ତ ଗୋଷ୍ଠୀ ଅଧିକାରୀ ବୀରେନ୍ଦ୍ର କୁମାର ସାହୁ ଅଧକ୍ଷତା କରିଥିଲେ । ସଭାରେ ଜିଲ୍ଲାପାଳ ବଲାଙ୍ଗିରଙ୍କ ପତ୍ର ସଂଖ୍ୟା ୧୨୯/୦୯/୦୭/୨୦୨୧ରେ ଉଲ୍ଲିଖିତ ବିଷୟ ଓଡିଶା ସାହିତ୍ୟ ଏକାଡେମୀର ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ଜିଲ୍ଲା ସ୍ତରକୁ ଓ ରାଜ୍ୟ ସ୍ତରକୁ ପ୍ରତିଯୋଗୀ ଚୟନ ପାଇଁ ଖପ୍ରାଖୋଲ ବ୍ଲକ ସ୍ତରୀୟ ଆଲୋଚନା ହୋଇଥିଲା । ସଭାର ପ୍ରାରମ୍ଭରେ ଦମେଇପାଲି ସିଆରସିସି ସୁବାସ ନାଗ ସ୍ୱାଗତ କରିଥିଲେ । ତେଲେନପାଲି ସିଆରସିସି ଶ୍ରୀପତି କୁମ୍ଭାର ସମସ୍ତଙ୍କ ପରିଚୟ ପ୍ରଦାନ କରିଥିଲେ । ସଭାରେ ଓଡିଶା ସାହିତ୍ୟ ଏକାଡେମୀର ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ବ୍ଲକ ସ୍ତରରୁ କିପରି ସୁଚାରୁ ରୂପେ ବିଧିବଦ୍ଧ ଭାବରେ ପ୍ରତିଯୋଗୀ ଚୟନ କରାଯିବ, ସେ ବିଷୟରେ ସବିଶେଷ ଆଲୋଚନା ହୋଇଥିଲା । ଶେଷରେ ଲାଠୋର ସିଆରସିସି କୁଞ୍ଜବିହାରୀ ସରାଫ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# କିନ୍ନରମାନଙ୍କ ସସମ୍ମାନେ ବଂଚିବାର ଅଧିକାର ରହିଛି : ନରସିଂହ

- ଜୁହାର ପରିବାର ପକ୍ଷରୁ କିନ୍ନରଙ୍କୁ ସାହାଯତା ପ୍ରଦାନ
- ଚାକିରିରୁ ବାହାର କରାଯାଇଥିବା ନେଇ ଅଭିଯୋଗ କଲେ କିନ୍ନର




ବଲାଙ୍ଗିର, (ନିପ୍ର) : ସମ୍ବିଧାନ କିନ୍ନରମାନଙ୍କୁ ମଧ ସସମ୍ମାନେ ବଂଚିବାର ଅଧିକାର ଦେଇଛି । ସରକାରଙ୍କ ବିଭିନ୍ନ ଯୋଜନା ସତ୍ତ୍ୱେ କିନ୍ନରମାନେ ତାଙ୍କ ଅଧିକାର ପାଇବାରୁ ବଂଚିତ ରହୁଛନ୍ତି । ସେମାନଙ୍କ ଅଧିକାରକୁ ସୁରକ୍ଷିତ କରିବା ଦିଗରେ ସମସ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଆଜି ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ସ୍ଥାନୀୟ ସମ୍ବାଦିକ ଭବନ ଠାରେ ବାଙ୍ଗାଲୋରର ଜୁହାର ପରିବାର ତରଫରୁ ଆୟୋଜିତ କିନ୍ନର ସହାୟତା କାର୍ଯ୍ୟକ୍ରମରେ ପ୍ରକାଶ କରିଛନ୍ତି । କୋଭିଡ ସମୟରେ ବାଙ୍ଗଲୋରର ଜୁହାର ପରିବାର ତରଫରୁ ସମାଜର ବିଭିନ୍ନ ବର୍ଗର ଲୋକଙ୍କୁ ସହାୟତା ଯୋଗାଇ ଦିଆଯାଉଛି । ମହାମାରୀ ସମୟରେ କିନ୍ନରମାନେ ନିଜର ଜୀବନ ଜୀବିକା ହରାଇ ଅତି ଅସହାୟ ଅବସ୍ଥାରେ କାଳାତିପାତ କରୁଛନ୍ତି । କିନ୍ନରମାନଙ୍କୁ କିଛି ସହାୟତା ଯୋଗାଇ ଦେବା ଉଦ୍ଦେଶ୍ୟରେ ଆଜି ଜୁହାର ପରିବାର ପକ୍ଷରୁ ବଲାଙ୍ଗିର ସହରର ପ୍ରାୟ ୪୦ଜଣ କିନ୍ନରଙ୍କୁ ଶୁଖିଲା ଖାଦ୍ୟ ପୁଡ଼ିଆ ବଂଟନ କରାଯାଇଛି । କାର୍ଯ୍ୟକ୍ରମରେ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ମୁଖ୍ୟ ଅତିଥି ରୂପେ ଯୋଗ ଦେଇ କିନ୍ନରମାନଙ୍କୁ ଖାଦ୍ୟ ପୁଡିଆ ବଂଟନ କରିଥିଲେ । ଏହି ଅବସରରେ କିନ୍ନରମାନେ ସେମାନଙ୍କ ବିଭିନ୍ନ ସମସ୍ୟା ଜଣାଇବା ସହ ବଲାଙ୍ଗିର ପୌରପାଳିକାରେ ଚାକିରି ପାଇଥିବା କିନ୍ନରମାନଙ୍କୁ ଚାକିରିରୁ ବାହାର କରି ଦେଇଥିବା ନେଇ ଅଭିଯୋଗ କରିଥିଲେ । ସୂଚନାଯୋଗ୍ୟ ଯେ, ସରକାରୀ ଯୋଜନା ମୁତାବକ ୧୦ ଜଣ କିନ୍ନରଙ୍କୁ ଦିନ ମଜୁରିଆ ଭାବେ ପ୍ରତିଦିନ ୩ ଶହ ଟଙ୍କା ଦରରେ ସଫେଇ କାର୍ଯ୍ୟକ୍ରମରେ ନିୟୋଜିତ କରାଯାଇଥିଲା । କିନ୍ତୁ କିଛି ଦିନ ପରେ ତାଙ୍କୁ ମାସିକ ୯ ହଜାର ଟଙ୍କା ପରିବର୍ତ୍ତେ କେବଳ ୫ ହଜାର ଟଙ୍କାରେ କାମ କରିବାକୁ ପୌରପାଳିକା ତରଫରୁ କୁହାଯାଇଥିଲା । ଏଥିରେ କିନ୍ନରମାନେ ଅରାଜି ହେବା ଯୋଗୁଁ ପୌରପାଳିକା କର୍ତ୍ତୃପକ୍ଷ ବିଭିନ୍ନ ଆଳ ଦେଖାଇବା ସହ ସଫେଇ ଗାଡିର ଅଭାବ ଦେଖାଇ ଏବେ ସମସ୍ତ ଦଶ ଜଣଙ୍କୁ ଚାକିରିରୁ ବାହର କରି ଦିଆଯାଇଥିବା ଅଭିଯୋଗ ହୋଇଛି । ତେବେ ନୂତନ ଗାଡି ଆସିଲେ ସେମାନଙ୍କୁ ପୁଣି ନିୟୋଜିତ କରାଯିବ ବୋଲି ପୌର ପ୍ରଶାସନ ପକ୍ଷରୁ କୁହାଯାଇଥିବା କିନ୍ନରମାନେ ଅଭିଯୋଗ କରିଥିଲେ । ସରକାର ରାଜ୍ୟବାରସୀଙ୍କ ସମ୍ମୁଖରେ ଗୋଲାପୀ ଚିତ୍ର ପ୍ରଦର୍ଶନ କରୁଛନ୍ତି । କିନ୍ତୁ ତୃଣମୂଳ ସ୍ତରରେ ସରକାରଙ୍କ ନିଜସ୍ୱ ପ୍ରଣିତ ଯୋଜନାର ଅସଲ ଚିତ୍ରର ଅବସ୍ଥା ଏଭଳି ରହିଛି ।

ତେବେ କିନ୍ନରମାନଙ୍କ ସାମ୍ବିଧାନିକ ଅଧିକାରର ପୁର୍ତ୍ତି ପାଇଁ ସମସ୍ତ ଉଦ୍ୟମ କରାଯିବ ବୋଲି ଶ୍ରୀ ମିଶ୍ର କିନ୍ନରମାନଙ୍କୁ ନିର୍ଭରଯୋଗ୍ୟ ପ୍ରତିଶୃତି ଦେଇଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ଜୁହାର ପରିବାରର ସହପ୍ରତିଷ୍ଠାତା ସତ୍ୟଜିତ ନାୟକ, ଉପସଭାପତି ପ୍ରିୟା ନାୟକ, ସିଂଚନ ମିଶ୍ର, ଆନନ୍ଦ ମିଶ୍ର, ଆର୍ଯ୍ୟଭୀର ନାୟକ ସହିତ କିନ୍ନର ସଂଗଠନ ସଭାପତି ହିମାଂଶୁ ଯୋଷୀ ପ୍ରମୁଖଙ୍କ ସହ ବହୁ କିନ୍ନର ଉପସ୍ଥିତ ଥିଲେ ।




ଜଗନ୍ନାଥ ସମସ୍ତଙ୍କର କଲ୍ୟାଣ କରନ୍ତୁ ।





ରଂଜନ କୁମାର ପାଣିଗ୍ରାହୀ
ଅଧ୍ୟାପକ, ଜରାସିଂହା ମହାବିଦ୍ୟାଳୟ,
ଜରାସିଂହା, ବଲାଙ୍ଗିର




ଜଗତ ସ୍ରଷ୍ଟା ଜଗନ୍ନାଥ ଜଗତର କଲ୍ୟାଣ କରନ୍ତୁ । ପବିତ୍ର ଘୋଷଯାତ୍ରା ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।



ପ୍ରଭାକର ମିଶ୍ର
ସାଧାରଣ ସଂପାଦକ
ବଲାଙ୍ଗିର ଜିଲ୍ଲା ବରିଷ୍ଠ ନାଗରିକ ମଂଚ, ବଲାଙ୍ଗିର


ପବିତ୍ର ରଥଯାତ୍ରା ଅବସରରେ ବଲାଙ୍ଗିର ଜିଲ୍ଲାର ସମସ୍ତ ଜନସାଧାରଣଙ୍କ ମଙ୍ଗଳ କାମନା କରୁଛୁ । ପ୍ରଭୁ ଶ୍ରୀଜଗନ୍ନାଥ ଜଗତବାସୀଙ୍କୁ ସୁସ୍ଥ ଓ ନିରାମୟ ରଖନ୍ତୁ, ଏତିକି କାମନା ।



ପାଟଣା ମହାରାଜା
ରାଜେନ୍ଦ୍ର ନାରାୟଣ ସିଂହଦଓଙ୍କ
ଆଦର୍ଶରେ ଅନୁପ୍ରାଣିତ
ରାଜେନ୍ଦ୍ର ଯୁବକ ସଂଘ
ବଲାଙ୍ଗିର

# ଚର୍ଚ୍ଚାରେ କଣ୍ଠଶିଳ୍ପୀ ଅର୍ଚ୍ଚନା : ସାରା ଓଡିଶାରେ ତାଙ୍କ ସଂଗୀତର ସ୍ୱରରେ ଝୁମନ୍ତି ଦର୍ଶକ





ବଲାଙ୍ଗିର, (କେପିଏନ୍‌ଏସ୍) : ପିଲା ବେଳୁ ସବୁବେଳେ ମନେ ମନେ ଗୁଣୁ ଗୁଣୁ ଗୀତ ଗାଉଥିଲେ ଅର୍ଚ୍ଚନା । ମନରେ ସବୁବେଳେ ଅନକେ ଉତ୍ସାହ ରହିଥିଲା ସଂଗୀତ ଜଗତ ପାଇଁ । ଗୀତ ଶିଖାଇବା ପାଇଁ ତାଙ୍କର କେହି ଗୁରୁ ନଥିଲେ । କିନ୍ତୁ ତାଙ୍କ ମା'ଙ୍କଠୁ ନିଜ ଅଜ୍ଞାତରେ ଶିଖିଯାଇଥିଲେ ଗୀତ ଗାଇବା । ପିଲାଦିନେ ମନେ ମନେ ଗୁଣୁ ଗୁଣୁ ଗୀତ ଗାଉଥିବା ଅର୍ଚ୍ଚନା ଆଜି ସଂଗୀତ ଜଗତରେ ଚର୍ଚ୍ଚାରେ । ଆଜି ପଶ୍ଚିମ ଓଡିଶାରେ କେବଳ ନୁହେଁ, ସାରା ଓଡିଶାରେ ଘରେ ଘରେ ଶ୍ରୋତାଙ୍କ ମନରେ ବସାବାନ୍ଧି ଗୋଟିଏ ଦିନରେ ରାତାରାତି ନିଜର ପରିଚୟ ସୃଷ୍ଟି କରି ଗେହ୍ଲାଇ ରାନୀ ଭାବରେ ବର୍ତ୍ତମାନ ନିଜର ସ୍ୱତନ୍ତ୍ର ସ୍ଥିତି ଜାହିର କରିଛନ୍ତି ବଲାଙ୍ଗିର ମାଟିର ଝିଅ ଅର୍ଚ୍ଚନା ପାଢୀ । ବଲାଙ୍ଗିର ସହରର ରେଲୱେ ଷ୍ଟେସନ ଅଂଚଳ ନିବାସୀ ବାପା ସିନୁ ସୁନ୍ଦର ପାଢୀ ଓ ମା' ସୁଜାତା ପାଢୀଙ୍କ ଏକ ମାତ୍ର ଝିଅ ଅଟନ୍ତି ଅର୍ଚ୍ଚନା । ସେ ଗତ ୧୯୯୭ ମସିହାରେ ଜନ୍ମ ଗ୍ରହଣ କରିଥିବା ବେଳେ ସେ ବର୍ତ୍ତମାନ ବିଏଏମ୍‌ଏସ୍‌ରେ ଶେଷ ବର୍ଷରେ ଅଧ୍ୟୟନ କରୁଛନ୍ତି । ଅର୍ଚ୍ଚନା ଏମିତି ଜଣେ ଝିଅ, ଯିଏକି ଯେଉଁ ଦିଗରେ ପାଦ ଥାପିଲେ ପାଇଛନ୍ତି ବେଶ୍ ସଫଳତା । ସେଥିପାଇଁ ତ ସାରା ଓଡିଶାରେ ଏବେ ଚର୍ଚ୍ଚାରେ ଅଛନ୍ତି ଅର୍ଚ୍ଚନା । ସୁମଧୁର ସ୍ୱରରେ ଗୀତ ଗାଇବା ସାଙ୍ଗକୁ ଅନେକ ଆଲବମ୍‌ରେ ମଧ୍ୟ ଅଭିନୟ କରି ସାରା ଓଡିଶାରେ ଲୋକପ୍ରିୟତା ହାସଲ କରିଛନ୍ତି । ଏ ଜହ୍ନ, ନାଇଁ ଆଏବୁ ତୁଇ ଫିରି, ଶୁନରେ ସଜନୀ, ଗେହ୍ଲାଇ ରାନୀ, ବୁଲ୍‌ବୁଲ୍, ଅପସରୀ ଭଳି ଅନେକ ଗୀତରେ କଣ୍ଠଦାନ କରିବା ସହ ଅଭିନୟ ମଧ୍ୟ କରି ଅନେକ ଦର୍ଶକଙ୍କ ହୃଦୟରେ ଆତ୍ମା ଜମେଇବାରେ ସଫଳ ହୋଇଛନ୍ତି । ତାଙ୍କ ଜନ୍ମଦାତ୍ରୀ ମା'ସୁଜାତାଙ୍କ ଜନ୍ମ ଦେଇ ବେଶ୍ ଗର୍ବିତ । ହ୍ୟୁମାନ ସାଗର, ନୀଳ ସାଗର, ରୁକୁ ସୁନା ଭଳି ଅନେକ ସୁପରଷ୍ଟାର୍‌ଙ୍କ ସହ ଗୀତ ଗାଇବା ପାଇଁ ବହୁତ କମ୍ ଲୋକଙ୍କୁ ମଉକା ମିଳେ । ହେଲେ ଅର୍ଚ୍ଚନାଙ୍କ ସୁମଧୁର କଣ୍ଠଦାନରେ ଗୀତ ଶୁଣିବା ପରେ ତାଙ୍କ ପଛରେ ପ୍ରଯୋଜକମାନଙ୍କ ଏବେ ଲମ୍ବା ଲାଇନ୍ । ନୂଆ ନୂଆ ଆମ ଭାଷାର ଗୀତ ଗାଇବାରେ ତାଙ୍କର ବେଶ୍ ରୁଚି ରହିଛି । ମାଆ ଶିକ୍ଷୟତ୍ରୀ ଓ ବାପା ଶିକ୍ଷକ ଥିବା ବେଳେ ଅନେକ ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତ ଗଢିଛନ୍ତି ସେମାନେ । ଅନ୍ୟ ଛାତ୍ରଛାତ୍ରୀଙ୍କୁ ଗଢ଼ିବା ଭଳି ନିଜ ଝିଅକୁ ଗଢ଼ିବାରେ ବି କାଣିଚାଏ





ଅନେକ ପ୍ରେରଣା ଓ ସହଯୋଗରେ ଏତେ ଶୀର୍ଷ ସ୍ଥାନକୁ ପହଂଚି ପାରିଛନ୍ତି ଅର୍ଚ୍ଚନା । ବଲାଙ୍ଗିର ଜିଲ୍ଲାର ଲୋକଉତ୍ସବରେ ମଂଚ ପରିଚାଳନା କରିବା ସହ ଗୀତ ଗାଇବା ସହ ନୃତ୍ୟ ପରିବେଷଣ କରିଛନ୍ତି । ତେବେ ବଲାଙ୍ଗିର ମାଟିର ଏଭଳି ଜଣେ ସୁକନ୍ୟାଙ୍କୁ ଏବେ ସାରା ରାଜ୍ୟରେ ବଲାଙ୍ଗିରବାସୀଙ୍କ ଗର୍ବ ଓ ଗୌରବ ବୋଲି କୁହାଯାଏ । ସରକାରୀ ଆୟୁର୍ବେଦିଦ କଲେଜରେ ଡାକ୍ତରୀ ଛାତ୍ରୀ ଭାବରେ ସେ ଯେଭଳି ସଫଳତା ପାଇଛନ୍ତି, ସେଭଳି ବିଭିନ୍ନ ଭୂମିକାରେ କଳା ପ୍ରଦର୍ଶନ କରିବା ସହ ଗୀତ ଗାଇ ବିଶେଷ ସୁନାମ ଅର୍ଜନ କରିଛନ୍ତି । ସବୁବେଳେ ମୁହଁରେ ହସ ଝଲ୍ ସାଉଥିବା ଅର୍ଚ୍ଚନା ଏବେ ହଜାର ହଜାର ଦର୍ଶକଙ୍କ ମନକୁ ଗୋଟିଏ ରାତିରେ ଗେହ୍ଲାଇ ରାନୀ ଗୀତ ଗାଇ ଷ୍ଟାର୍ ପାଲଟି ଯାଇଛନ୍ତି । ମା'ବାପାଙ୍କ ଏକ ମାତ୍ର ଅଲିଅଳି ଝିଅ ଅର୍ଚ୍ଚନାଙ୍କୁ ଅବହେଳା କରିନାହାନ୍ତି ବାପାମା' । ତାଙ୍କ ଆଶୀର୍ବାଦ ଓ ଦର୍ଶକଙ୍କ ଭଲପାଇବା ଯୋଗୁଁ ଅର୍ଚ୍ଚନା ସଫଳତାର ପାହାଚ ଚଢ଼ିବାରେ ସାମର୍ଥ୍ୟ ହାସଲ କରିଥିବା ବେଳେ ଅର୍ଚ୍ଚନା ସାଧନା ଓ ନିଷ୍ଠା ବଳରେ ନିଜ ଜନ୍ମ ମାଟି ବଲାଙ୍ଗିରକୁ ଆଜି ଗର୍ବିତ କରିଛନ୍ତି ।









# ମଣ୍ଡଳ ଜଗନ୍ନାଥ ମନ୍ଦିରରୁ ଅଳଙ୍କାର ଚୋରି ଘଟଣାକୁ ମାସେରୁ ଅଧିକ ବିତିଲା : ଟେର୍ ପାଉନି ପୁଲିସ

## ପ୍ରତିବାଦରେ ବେଲପଡା ଥାନା ଘେରାଉ କଲେ ଗ୍ରାମବାସୀ



ବେଲପଡା, (ନିପ୍ର) : ବଲାଙ୍ଗିର ଜିଲ୍ଲାର ପାଟଣାଗଡ ଦେବୋ ଉର ବିଭାଗର ଅଧୀନରେ ଥିବା ହଜାର ବର୍ଷ ପୁରୁଣା ମଣ୍ଡଳ ଜଗନ୍ନାଥ ମନ୍ଦିରରୁ ଅଳଙ୍କାର ଚୋରି ଘଟଣାକୁ ୩୭ ଦିନ ବିତିଯାଇଛି । ହେଲେ ଆଜି ପର୍ଯ୍ୟନ୍ତ ପୁଲିସ ଚୋର ମାନଙ୍କୁ ଧରିବାରେ ସଫଳ ହୋଇନି । ମହାପ୍ରଭୁଙ୍କ ରଥଯାତ୍ରା ଥିବା ବେଳେ ତିନି ଠାକୁରଙ୍କୁ ଅଳଙ୍କାର ଶୂନ୍ୟରେ ଦେଖି ଗ୍ରାମବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ଏବଂ ଏହାର ପ୍ରତିବାଦରେ ଶତାଧିକ ଲୋକ ବାହାରି ବେଲପଡା ଥାନା ଘେରାଉ କରିବା ସହ ବିକ୍ଷୋଭ ପ୍ରଦାର୍ଶନ କରିଛନ୍ତି । ବିକ୍ଷୋଭକାରୀ ମାନେ ପ୍ରଥମେ ବେଲପଡା ତାରିଣୀ ମନ୍ଦିର ଠାରେ ଏକତ୍ରୀତ ହୋଇ ସେଠାରୁ ଏକ ବିଶାଳ ଶୋଭାଯାତ୍ରରେ ବାହାରି ବେଲପଡା ଥାନା ସମ୍ମୁଖରେ ପହଂଚି ସେଠାରେ ଦୀର୍ଘ ୩ ଘଣ୍ଟା ଧରି ବିକ୍ଷୋଭ ପ୍ରଦର୍ଶନ କରି ଥାନା ଘେରାଉ କରିଥିଲେ । ପରେ ଘଟଣା ସ୍ଥଳରେ ପାଟଣାଗଡ ଉପଖଣ୍ଡ ପୁଲିସ ଅଧିକାରୀ ଜ୍ୟୋତିର୍ମୟ ଭୁକ୍ତା, ମାଜିଷ୍ଟ୍ରେଟ ଭାବେ ବେଲପଡା ତହସିଲଦାର ପ୍ରଶାନ୍ତି ପ୍ରଧାନ, ବେଲପଡା ଥାନା ଅଧିକାରୀ ବୁଲୁ ମୁଣ୍ଡା, ଏଏସ୍ଆଇ କିରନ କୁମାର ଜାନୀଙ୍କ ସହ ଅନ୍ୟ ଅଧିକାରୀ ମାନେ ଉପସ୍ଥିତ ରହି ଆସନ୍ତା ବାହୁଡା ଯାତ୍ରା ପର୍ଯ୍ୟନ୍ତ ଚୋର ଏବଂ ଚୋରୀ ସାମଗ୍ରୀ ଉଦ୍ଧାର କରିବାକୁ ପ୍ରତିଶ୍ରୃତି ପରେ ଗ୍ରାମବାସୀ ମାନେ ଅନ୍ଦୋଳନରୁ ଓହରିଥିବା ଜଣାପଡିଛି । ଉକ୍ତ ଥାନା ଘେରାଉରେ ମଣ୍ଡଳ ଗାଁର ସରପଂଚ ସସ୍ମିତା ଖମାରୀ, ବନିତା ଖମାରୀ, ଘାସିରାମ ପାଢି, ବଳଦେବ ଠାକୁର, ଭକ୍ତବନ୍ଧୁ ଠାକୁର, ଜଗନ୍ନାଥ ଖମାରୀ, ପ୍ରବୀଣ ପାଢି, ମୁକୁନ୍ଦ ଖମାରୀ, ରୁନା ଅଗସ୍ତି, ଶପିତ ଖାନ, ଗିରିରାଜ ଠାକୁରଙ୍କ ସହିତ ମଣ୍ଡଳ ଗ୍ରାମବାସୀ ଉପସ୍ଥିତ ଥିଲେ । ସୂଚନାରୁ ପ୍ରକାଶ ଯେ ଗତ ୬/୬/ ୨୦୨୧ ତାରିଖ ବିଳମ୍ବିତ ରାତିରେ ମନ୍ଦିର ପାର୍ଶ୍ୱରେ ଥିବା କବାଟକୁ ଭାଙ୍ଗି ଚୋର ମାନେ ଭିତରକୁ ପଶିଥିଲେ ଏବଂ ସେଠାରେ ପୂଜାର୍ଚ୍ଚନା କରି ଟ୍ରେଜେରିରେ ଥିବା ତିନି ଠାକୁରଙ୍କ ବହୁ ପୂରାତନ ଅଳଙ୍କାର ମାନ ଚୋରି କରି ନେଇଥିଲେ । ଏହା ଜାଣିବା ପରେ ଗ୍ରାମବାସୀ ପକ୍ଷରୁ ବେଲପଡା ଥାନାରେ ଅଭିଯୋଗ କରିଥିଲେ । ହେଲେ କିଛି ସୁଫଳ ମିଳୁନଥିବାରୁ ଗ୍ରାମବାସୀଙ୍କ ପକ୍ଷରୁ ଥାନା ଘେରାଉ କରାଯାଇଥିବା ଜଣାପଡିଛି ।

ଅନ୍ୟପଟେ ତିନି ଠାକୁରଙ୍କ ଅଳଙ୍କାର ଚୋରିକୁ ନେଇ ପୁଲିସ ନିଷ୍କ୍ରିୟ ହୋଇପଡିଛି । ଚୋର ମାନଙ୍କୁ ଧରିବାରେ ବିଫଳ ହୋଇଛି । ଏହାର ପ୍ରତିବାଦରେ ସୋମବାର ମଣ୍ଡଳ ଗ୍ରାମବାସୀ ପକ୍ଷରୁ ଗାଁରେ ଥିବା ସମସ୍ତ ଦୋକାନ ବଜାର ଦିନକ ପାଇଁ ବନ୍ଦ କରିଛନ୍ତି । ପୁଣି ଦେବୋତ୍ତର ବିଭାଗ ଅଧୀନରେ ଥିବା ମଣ୍ଡଳ ଜଗନ୍ନାଥ ମନ୍ଦିର ହଜାର ବର୍ଷ ପୁରୁଣା ମନ୍ଦିର, ଏଠାରେ ବହୁ କିମ୍ବଦନ୍ତୀ ରହିଥିବା ବେଳେ ପୁରୀ ଜଗନ୍ନାଥ ମନ୍ଦିର ନୀତି ନିୟମକୁ ପାଳନ କରି ସମସ୍ତ ପ୍ରକାରର ପୂଜର୍ଚ୍ଚନା କରାଯାଏ । ଏ ବର୍ଷ କରୋନା କଟକଣା ସହ ମନ୍ଦିରରୁ ପୁରୁଣା ଅଳଙ୍କାର ମାନ ଚୋରି ହୋଇଯାଇଥିବାରୁ ମହାପ୍ରଭୁଙ୍କ ନୀତିକାନ୍ତିରେ ପ୍ରଭାବ ପଡିଥିବା ମନ୍ଦିର ପୂଜାକ ମାନେ କହିଛନ୍ତି ।





ପବିତ୍ର ରଥଯାତ୍ରା ଉପଲକ୍ଷେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତଥା ଛାତ୍ରଛାତ୍ରୀଙ୍କୁ ଆନ୍ତରିକ ଶୁଭେଚ୍ଛା । ପ୍ରଭୁ ଜଗତ ନାଥ ଜଗନ୍ନାଥ ମାନବ ସମାଜକୁ ସମସ୍ତ ଦୁଃଖ ଯାତନାରୁ ମୁକ୍ତ କରନ୍ତୁ, ଏତିକି କାମନା ।



ପ୍ରଦୀପ କୁମାର ଖମାରୀ, ସାଧାରଣ ସଂପାଦକ
ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ, ବଲାଙ୍ଗିର


# ପ୍ରମୁଖ ବିଜ୍ଞାନ ଶିକ୍ଷାନୁଷ୍ଠାନଗୁଡିକ ସହିତ ଆଲୋଚନା ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କ ଟ୍ୱିଟ୍



ନୂଆଦିଲ୍ଲୀ, (ପିଆଇବି) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କେନ୍ଦ୍ରୀୟ ଅନୁଦାନପ୍ରାପ୍ତ ବୈଷୟିକ ଶିକ୍ଷାନୁଷ୍ଠାନଗୁଡିକର ୧୦୦ରୁ ଅଧିକ ନିର୍ଦ୍ଦେଶକମାନଙ୍କ ସହିତ ଆଲୋଚନା ପରେ ଦେଶର ପ୍ରମୁଖ ବିଜ୍ଞାନ ଓ ପ୍ରଯୁକ୍ତି ଶିକ୍ଷାନୁଷ୍ଠାନଗୁଡିକ ସହିତ ତାଙ୍କର ଆଲୋଚନା ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଛନ୍ତି । ଏହି ବୈଠକରେ ଉକ୍ତ ଶିକ୍ଷାନୁଷ୍ଠାନଗୁଡିକ ପକ୍ଷରୁ ବିଭିନ୍ନ ତଥ୍ୟ ଉପସ୍ଥାପନା କରାଯାଇଥିଲା । ଆଇଆଇଏସସି ବେଙ୍ଗାଲୁରୁ, ଆଇଆଇଟି ମୁମ୍ବାଇ, ଆଇଆଇଟି ଚେନ୍ନାଇ, ଆଇଆଇଟି କାନପୁର ସମ୍ପର୍କରେ ପ୍ରଧାନମନ୍ତ୍ରୀ ଟ୍ୱିଟ୍ କରିଥିଲେ ।

ଏକାଧିକ ଟ୍ୱିଟ ଜରିଆରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଅଗ୍ରଣୀ ଆଇଆଇଟି ଏବଂ ଆଇଆଇଏସସି ବାଙ୍ଗାଲୋରର ନିର୍ଦ୍ଦେଶକମାନଙ୍କ ସହିତ ଏକ ଉତ୍ସାହପ୍ରଦ ଆଲୋଚନା ହେଲା । ଭାରତକୁ ଗବେଷଣା ଓ ବିକାଶ, ନବୋନ୍ମେଷର କେନ୍ଦ୍ରରେ ପରିଣତ କରିବା ଏବଂ ଯୁବପିଢ଼ିଙ୍କ ମଧ୍ୟରେ ବିଜ୍ଞାନକୁ ଲୋକପ୍ରିୟ କରିବା ଆଦି ବ୍ୟାପକ ବିଷୟ ଉପରେ ମତବିନିମୟ କରାଗଲା ।

ରୋବୋଟିକ୍ସ, ଗଣିତ/ବିଜ୍ଞାନ ଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିବା ଭଳି ଶିକ୍ଷା କ୍ଷେତ୍ରରେ ପ୍ରୟାସ, କୋଭିଡ-୧୯ ମୁକାବିଲା ଆଦି ବିଷୟରେ ପ୍ରମୁଖ ଗବେଷଣା ଓ ବିକାଶ କାର୍ଯ୍ୟକ୍ରମ ସମ୍ପର୍କରେ ଆଇଆଇଏସସି ବାଙ୍ଗାଲୋର ଟିମ୍ ପକ୍ଷରୁ ଉତ୍ସାହପ୍ରଦ ଉପସ୍ଥାପନା କରାଯାଇଥିଲା । ଆତ୍ମନିର୍ଭର ଭାରତ ସଂକଳ୍ପରେ ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି ବୋଲି ସେମାନେ ଜୋର ଦେଇଥିଲେ ।

ନାଇଟ୍ରୋଜେନ ଜେନେରେଟରକୁ ଅକ୍ସିଜେନ ଜେନେରେଟରରେ ପରିଣତ କରିବା, କ୍ୟାନ୍ସର ଚିକିତ୍ସା ପାଇଁ ସେଲ୍ ଥେରାପି ଏବଂ ଏଲଏଏସଇ କାର୍ଯ୍ୟକ୍ରମ, ଡିଜିଟାଲ ସ୍ୱାସ୍ଥ୍ୟ କ୍ଷେତ୍ରରେ ସ୍ନାତୋକୋତ୍ତର, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଓ ଡାଟା ସାଇନ୍ସ ଭଳି ସେମାନଙ୍କର ଶିକ୍ଷାକ୍ଷେତ୍ରରେ ଉଦ୍ଭାବନ ସମ୍ପର୍କରେ ବିସ୍ତୃତ ଭାବେ ଜାଣି ମୁଁ ଆନନ୍ଦିତ ହେଲି ।

ଆଇଆଇଟି ମାଡ୍ରାସର ଟିମ୍ କୋଭିଡ୍‌କୁ ପ୍ରତିହତ କରିବା ପ୍ରୟାସ ଯେପରିକି ଏକ ମଡ୍ୟୁଲ୍ ହସ୍ପିଟାଲ ପ୍ରତିଷ୍ଠା, ହଟସ୍ପଟ ଅନୁମାନ, ସେମାନଙ୍କ ବହୁମୁଖୀ ଗବେଷଣା ଓ ପ୍ରୋଗ୍ରାମିଂ ଡାଟା ସାଇନ୍ସରେ ଅନଲାଇନ ବିଏସସି ପାଠ୍ୟକ୍ରମ ବିଷୟରେ ଆଲୋଚନା କରିଥିଲେ । ସେମାନେ ସାରା ଭାରତରେ ଉନ୍ନତ ଡିଜିଟାଲ କଭରେଜ ଉପରେ ମଧ୍ୟ କାମ କରୁଛନ୍ତି । ଆଇଆଇଟି କାନପୁର ବ୍ଲକ୍‌ଚେନ୍ ପ୍ରଯୁକ୍ତିରେ ଭବିଷ୍ୟତର ଗବେଷଣା ଓ ନବୋନ୍‌ମେଷ, ବାୟୁ ଗୁଣବତ୍ତାର ଅନୁଧ୍ୟାନ, ଇଲେକ୍‌ଟ୍ରୋନିକ୍ସ ଫ୍ୟୁଏଲ୍ ଇଞ୍ଜେକ୍ସନ ଏବଂ ଅନ୍ୟ ବିଷୟର କେନ୍ଦ୍ର ପାଲଟିଥିବା ଦେଖି ଗର୍ବ ଅନୁଭବ ହୋଇଥିଲା । ଷ୍ଟାର୍ଟଅପ୍ସକୁ ଦିଆଯାଉଥିବା ସହାୟତା, ପେସାଦାରମାନଙ୍କ ଦକ୍ଷତାରେ ବୃଦ୍ଧି ଭାରତର ଯୁବଶକ୍ତିଙ୍କୁ ଯଥେଷ୍ଟ ଲାଭ ପ୍ରଦାନ କରିବ ।

# ଚନ୍ଦନଭାଟିରେ ମହିଳାଙ୍କ ଦାବୀ ପୂରଣ ହେଲା : ହାଇମାଷ୍ଟ ଓ ଷ୍ଟ୍ରିଟ୍ ଲାଇଟର ଲୋକାର୍ପଣ କଲେ ନରସିଂହ

ବଲାଙ୍ଗିର, (ନିପ୍ର) : ବଲାଙ୍ଗିର ବ୍ଲକ ଅନ୍ତର୍ଗତ ଚନ୍ଦନଭାଟି ଗ୍ରାମର ମହିଳାମାନଙ୍କ ବହୁ ଦିନର ଦାବୀ ପୂରଣ ହୋଇଛି । ଆଜି ମହିଳାମାନଙ୍କ ଦାବୀ ମୁତାବକ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ରଙ୍କ ଦ୍ୱାରା ଚନ୍ଦନଭାଟି ଗାଁ ପାଇଁ ୪ ଗୋଟି ହାଇମାଷ୍ଟ ଲାଇଟ ଓ ୪ଟି ଷ୍ଟ୍ରିଟ ଲାଇଟର ଶୁଭ ଉଦ୍‌ଘାଟନ ହୋଇଯାଇଛି । ଦୀର୍ଘ ଦିନର ଦାବୀ ପରେ ଗାଁ ଦାଣ୍ଡ ଆଲୁଅ ହେବା ନେଇ ଗ୍ରାମବାସୀ ବେଶ ଖୁସି ପ୍ରକାଶ କରିଛନ୍ତି । ପ୍ରାୟ ୬ ମାସ ତଳେ ବିଧାୟକଙ୍କ ଚନ୍ଦନଭାଟି ପଂଚାୟତ ପରିଦର୍ଶନ ସମୟରେ ଗାଁର ମହିଳାମାନେ ଗାଁରେ ଷ୍ଟ୍ରିଟ ଲାଇଟ୍ ପାଇଁ ଦାବୀ ଜଣାଇଥିଲେ । ଅନ୍ଧାରୁଆ ରାସ୍ତା ଯୋଗୁଁ ମହିଳାମାନେ ନିଜକୁ ଅସୁରକ୍ଷିତ ମଣିବା ସହିତ ଅନେକେ ଯିବା ଆସିବା ସମୟରେ ଦୁର୍ଘଟଣାର ଶିକାର ହେଉଛନ୍ତି । ଆହୁରି ଜଣେ ମହିଳା କହିଥିଲେ ଯେ, ସେ ଏହି ଗାଁରେ ବିବାହ କରିବା ଦିନଠାରୁ ସେ ଗାଁ ଦାଣ୍ଡ ଓ ଗଳି ଗୁଡିକ ଅନ୍ଧାରୁଆ ହୋଇ ପଡିରହିଛି । ଗ୍ରାମବାସୀ ତଥା ମହିଳାମାନେ ଏଭଳି ପରିସ୍ଥିତିରେ ରହୁଥିବା ବେଳେ ଚନ୍ଦନଭାଟି ଦାଣ୍ଡ ଓ ଗଳି ଗୁଡିକୁ ଆଲୋକୀକରଣ କରିବାକୁ ବିଧାୟକଙ୍କୁ ଅନୁରୋଧ କରିଥିଲେ । ମହିଳାଙ୍କ ସମସ୍ୟା ଶୁଣି ବିଧାୟକ ଶ୍ରୀ ମିଶ୍ର ନିଜ ବିଧାୟକ ପାଣ୍ଠିରୁ ମହିଳାମାନଙ୍କ ଦାବୀ ପୁରଣ କରିବା ପାଇଁ ପ୍ରତିଶ୍ରୃତି ଦେଇଥିଲେ । ଆଜି ଚନ୍ଦନଭାଟିର ସ୍କୁଲ ଛକ, ମେନ୍ ରୋଡ, ମନ୍ଦିର ଛକ ତଥା ମେହେରପଡାରେ ୪ଟି ହାଇମାଷ୍ଟ ଲାଇଟ୍ ଏବଂ ମନ୍ଦିର ସାମନା ରାସ୍ତାମାନଙ୍କରେ ଷ୍ଟ୍ରିଟ୍ ଲାଇଟ୍ ଲଗାଯାଇ ଚନ୍ଦନଭାଟିରେ ବିଧାୟକ ଶ୍ରୀ ମିଶ୍ରଙ୍କ ଦ୍ୱାରା ସୁଇଚ୍ ଚିପି ଆଲୋକୀକରଣ କରାଯାଇଛି ।

ଲୋକାର୍ପଣ ପରବର୍ତ୍ତି ସଭାରେ କିଛି ବିଧବା ଓ ବିକଳାଙ୍ଗ ସରକାରୀ ଭତ୍ତା ପାଉନଥିବା ଅଭିଯୋଗ କରିବାରୁ ବିଧାୟକ ସେମାନଙ୍କୁ କାଲି ସୁଦ୍ଧା ଏକ ତାଲିକା ପ୍ରସ୍ତୁତ କରି ତାଙ୍କ ପାଖକୁ ପହଂଚାଇବାକୁ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ବିଧାୟକ ଶ୍ରୀ ମିଶ୍ରଙ୍କ ବ୍ୟତୀତ ବ୍ଲକ ସଭାପତି ରାମପ୍ରସାଦ ମିଶ୍ର, ଚନ୍ଦନଭାଟି ସରପଂଚ ଶ୍ରୀମତୀ ମୀନାକୁମାରୀ ଭୋଇ, କପିଳେଶ୍ୱର ପାଣିଗ୍ରାହୀ, ଗୋପାଳଜୀ ପାଣିଗ୍ରାହୀ, ଭାବଗ୍ରାହୀ ଖମାରୀ, ବନମାଳି ପୁରୋହିତ, ରାମଚନ୍ଦ୍ର ପଧାନ, ରାଜୀବ ପଧାନ, ମୀନା ପୁରୋହିତ, ଅନିମା ଖମାରୀ, ଲିଙ୍ଗରାଜ ମେହେର, ମେଘରାଜ ମେହେର, ବଳଭଦ୍ର ମେହେର, ଶିବ ମେହେର, ନୁଆଖାଉ ବେହେରା, ଅଲିଭା ଦାଶ, ଦମୟନ୍ତୀ ପ୍ରଧାନ, କଲ୍ୟାଣି ଖମାରୀ, ବିଜୟ କୁମାର ମେହେର, ଅହଲ୍ୟା ପାଣିଗ୍ରାହୀ, ହରିପ୍ରିୟା ପ୍ରଧାନ, ସଂକୀର୍ତ୍ତନ ମେହେର, ଟୁନା ପାଣିଗ୍ରାହୀ, ମହେନ୍ଦ୍ର ମଲ୍ଲିକ, ଦେବ ପଧାନ, ଅଜିତ ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ ।




# ନିଜ ପାଇଁ ରାସ୍ତା ନିର୍ମାଣ କଲେ ଆଦିବାସୀ ମହିଳା

ଦେଓଗାଁ, (ନିପ୍ର) : ଦେଓଗାଁ ବ୍ଲକ ଅନ୍ତର୍ଗତ ଅର୍ଜୁନପୁର ଗ୍ରା.ପ. ଅଧୀନସ୍ଥ ମଧୁପୁର ଗ୍ରାମର ଧରୁଆପଡା ଏକ ଆଦିବାସୀପଡା । ଏହି ପଡାରେ ୧୫ ଗୋଟି ଆଦିବାସୀ ପରିବାର ଆଜିକୁ ଦୀର୍ଘ ୧୫୦ ବର୍ଷରୁ ଅଧିକ ବର୍ଷ ହେବ ବସବାସ କରି ଆସୁଛନ୍ତି । କିନ୍ତୁ ଦୁଃଖର ବିଷୟ ଯେ, ଏହି ପଡାକୁ ଯିବା ଆସିବା କରିବା ପାଇଁ ସବୁଦିନିଆ ରାସ୍ତାଟିଏ ନାହିଁ । ବହୁତ ଥର ସରକାରଙ୍କୁ ଜଣାଇଥିଲେ ମଧ୍ୟ କିଛି



କୁଚକ୍ରୀ ରାଜନେତା ଓ ସରକାରୀ କର୍ମଚାରୀଙ୍କ ଅବହେଳା ଯୋଗୁଁ ଏହି ପଡାକୁ ସବୁଦିନିଆ ରାସ୍ତାଟିଏ ନାହିଁ । ପ୍ରକାଶ ଥାଉ କି, ଗତ ବର୍ଷ ଅକ୍ଟୋବର ମାସ ୭ ତାରିଖ ଦିନ ଏହି ପଡାର ଗର୍ଭବତୀ ମହିଳା ଶ୍ରୀମତୀ କୁନ୍ତୀ ପୁଟାଙ୍କ ଗର୍ଭ ଯନ୍ତ୍ରଣା ହେତୁ ଆମ୍ବୁଲାନ୍ସକୁ ଡକାଯାଇଥିଲା । କିନ୍ତୁ ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ ଗାଡିଟି ପଡା ଠାରୁ ୨ କି.ମି ଦୂରରେ ଅଟକି ଯାଇଥିଲା । ପଡାର ମହିଳାମାନେ ଗର୍ଭବତୀ ମା'କୁ କାନ୍ଧରେ ହାତ ପକାଇ ଚଲାଇ ଚଲାଇ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ଅଣିଥିଲେ ଏବଂ ସେହି ସ୍ଥାନରୁ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ବଲାଙ୍ଗିର ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା ଓ ସେହିଠାରେ ତାଙ୍କର ଗୋଟିଏ ଶିଶୁ କନ୍ୟା ଜନ୍ମ ହେଇଥିଲା । ଏହି ବିଷୟରେ ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକର ଲୋକ ଉନ୍ନତି ସଂଗଠନର କର୍ମକର୍ତ୍ତା ଏବଂ ସଦସ୍ୟ ସଦସ୍ୟାମାନେ ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ମନ୍ତ୍ରୀ ଶ୍ରୀମତୀ ଟୁକୁନୀ ସାହୁଙ୍କୁ ଟୁଇଟର ଓ ଇନ୍‌ଷ୍ଟାଗ୍ରାମ ମାଧ୍ୟମରେ ଜଣାଇଥିଲେ ।

ଏହି ବାର୍ତ୍ତା ପାଇବା ପରେ ମନ୍ତ୍ରୀ ଶ୍ରୀମତୀ ସାହୁ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଥିଲେ ଏବଂ ଦେଓଗାଁ ବିଡ଼ିଓଙ୍କୁ ଏହି ପଡାକୁ ସବୁଦିନିଆ ନିର୍ମାଣ ପାଇ ନିର୍ଦ୍ଦେଶ ଦେଇଥିଲେ । ତାଙ୍କର ନିର୍ଦ୍ଦେଶ ଅନୁସାରେ ତତ୍କାଳୀନ ବିଡ଼ିଓ ଶ୍ରୀ ଲାକ୍ରା ତା୧୩-୧୦-୨୦୧୯ରିଖ ଦିନ ସରଜମିନ ତଦନ୍ତ କରି ଅତିଶୀଘ୍ର ରାସ୍ତା କାମ କରାଯିବ ବୋଲି ପଡାବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ତାହା ଏପର୍ଯ୍ୟନ୍ତ ତାହା ହୋଇ ପାରିଲାନାହିଁ । ତେଣୁ ପଡାର ମହିଳାମାନେ ଏକ ବୈଠକ କରି ନିଜ ଗ୍ରାମ ପାଇଁ ନିଜେ ରାସ୍ତା ତିଆରି କରିବାକୁ ନିଷ୍ପତ୍ତି ନେଇ ରାସ୍ତା ନିର୍ମାଣ କରୁଥିବା କୁହାଯାଇଛି ।







# କେନ୍ଦ୍ରୀୟ ଅନୁଦାନପ୍ରାପ୍ତ ବୈଷୟିକ ଶିକ୍ଷାନୁଷ୍ଠାନର ନିର୍ଦ୍ଦେଶକମାନଙ୍କ ସହିତ ପ୍ରଧାନମନ୍ତ୍ରୀଙ୍କ ଆଲୋଚନା

ନୂଆଦିଲ୍ଲୀ, (ପିଆଇବି) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୁଲାଇ ୮ ତାରିଖ ୨୦୨୧ରେ କେନ୍ଦ୍ରୀୟ ଅନୁଦାନପ୍ରାପ୍ତ ବୈଷୟିକ ଶିକ୍ଷାନୁଷ୍ଠାନଗୁଡିକର ନିର୍ଦ୍ଦେଶକମାନଙ୍କ ସହିତ ଭିଡିଓ କନଫରେନ୍ସିଂ ଜରିଆରେ ଆଲୋଚନା କରିଛନ୍ତି । ଏହି ବୈଠକରେ ୧୦୦ରୁ ଅଧିକ ସଂସ୍ଥାନଗୁଡିକର ମୁଖ୍ୟମାନେ ଅଂଶଗ୍ରହଣ କରିଥିଲେ ।

କୋଭିଡ କାରଣରୁ ଦେଖାଦେଇଥିବା ଆହ୍ୱାନର ମୁକାବିଲା ପାଇଁ ଏହିସବୁ ଅନୁଷ୍ଠାନଗୁଡିକ ଦ୍ୱାରା କରାଯାଇଥିବା ଗବେଷଣା ଓ ବିକାଶ କାର୍ଯ୍ୟକୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଥିଲେ । ତ୍ୱରିତ ପ୍ରଯୁକ୍ତିଗତ ସମାଧାନ ଯୋଗାଇ ଦେଇଥିବାରୁ ସେ ଯୁବ ଉଦ୍ଭାବକମାନଙ୍କ ଭୂମିକାକୁ ପ୍ରଶଂସା କରିଥିଲେ ।

ପ୍ରଧାନମନ୍ତ୍ରୀ କହିଥିଲେ ଯେ ଉଚ୍ଚ ଶିକ୍ଷାନୁଷ୍ଠାନ ଏବଂ ବୈଷୟିକ ଶିକ୍ଷାନୁଷ୍ଠାନଗୁଡିକ ପରିବର୍ତ୍ତିତ ପରିବେଶ ଏବଂ ଉଦୀୟମାନ ଆହ୍ୱାନଗୁଡିକର ମୁକାବିଲା ଲାଗି ସମୟ ଅନୁକୂଳ ସମାଧାନକୁ ଗ୍ରହଣ କରିବା ଉଚିତ୍ । ସେ ଉଲ୍ଲେଖ କରିଥିଲେ ଯେ ଏଥିପାଇଁ ଶିକ୍ଷାନୁଷ୍ଠାନଗୁଡିକ ନିଜକୁ ପୁନଃଉଦ୍ଭାବନ ଓ ପୁନଃମୂଲ୍ୟାଙ୍କନ କରିବାର ଆବଶ୍ୟକତା ରହିଛି । ସେମାନେ ଦେଶ ଓ ସମାଜର ବର୍ତ୍ତମାନ ଓ ଭବିଷ୍ୟତ ଆବଶ୍ୟକତା ଅନୁଯାୟୀ, ବିକଳ୍ପ ଓ ଅଭିନବ ମଡେଲ ବିକଶିତ କରିବା ଉଚିତ୍ । ସେ ଜୋର ଦେଇ କହିଥିଲେ ଯେ ଆମର ଉଚ୍ଚ ଶିକ୍ଷା ଏବଂ ବୈଷୟିକ ଶିକ୍ଷାନୁଷ୍ଠାନଗୁଡିକ ଆମର ଯୁବପିଢ଼ିଙ୍କୁ ନିରନ୍ତର ବାଧା ଓ ପରିବର୍ତ୍ତନର ମୁକାବିଲା କରିବା ପାଇଁ ପ୍ରସ୍ତୁତ କରିବା ଆବଶ୍ୟକ । ଏହା କରିବା ସମୟରେ ଚତୁର୍ଥ ଶିଳ୍ପ ବିପ୍ଲବକୁ ଧ୍ୟାନରେ ରଖାଯିବା ଉଚିତ୍ । ପ୍ରଧାନମନ୍ତ୍ରୀ ଆଲୋକପାତ କରି କହିଥିଲେ ଯେ ବର୍ତ୍ତମାନ ଛାତ୍ରଛାତ୍ରୀଙ୍କ ଆବଶ୍ୟକତା ଅନୁଯାୟୀ ନମନୀୟ, ବାଧାମୁକ୍ତ ଏବଂ ସକ୍ଷମ ଶିକ୍ଷାନୀତି ଦିଗରେ ଅଗ୍ରସର ହେବାର ଆବଶ୍ୟକତା ରହିଛି । ବିଗତ କିଛିବର୍ଷ ଧରି ଗ୍ରସ ଏନରୋଲମେଂଟ ରେସିଓ (ଜିଇଆର) ବା ଉଚ୍ଚ ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀଙ୍କ ପ୍ରବେଶ ହାରରେ ବୃଦ୍ଧିକୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଥିଲେ । ଉଚ୍ଚ ଶିକ୍ଷାର ଡିଜିଟାଲକରଣ ଜିଇଆର ବୃଦ୍ଧି ଦିଗରେ ପ୍ରମୁଖ ଭୂମିକା ନିର୍ବାହ କରିପାରିବ ବୋଲି ସେ ଜୋର ଦେଇ କହିଥିଲେ । ଏହାଫଳରେ ଛାତ୍ରଛାତ୍ରୀ ଉନ୍ନତମାନର ଏବଂ ସୁଲଭ ଶିକ୍ଷା ଲାଭ କରିପାରିବେ । ଡିଜିଟାଲ୍‌କରଣ ବୃଦ୍ଧି ଦିଗରେ ବିଭିନ୍ନ ଶିକ୍ଷାନୁଷ୍ଠାନ ପକ୍ଷରୁ ଗ୍ରହଣ କରାଯାଉଥିବା ବିଭିନ୍ନ ପଦକ୍ଷେପକୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଥିଲେ ।

ପ୍ରଧାନମନ୍ତ୍ରୀ ଉଲ୍ଲେଖ କରି କହିଥିଲେ ଯେ ଆମେ ଭାରତୀୟ ଭାଷାରେ ବୈଷୟିକ ଶିକ୍ଷାର ଏକ ଇକୋସିଷ୍ଟମ ବିକଶିତ କରିବା ଏବଂ ବିଶ୍ୱସ୍ତରର ପତ୍ରପତ୍ରିକାଗୁଡିକୁ ଆ*ଳିକ ଭାଷାରେ ଅନୁବାଦ କରିବାର ଆବଶ୍ୟକତା ରହିଛି । ପ୍ରଧାନମନ୍ତ୍ରୀ କହିଥିଲେ ଯେ ଆମେ ଯେତେବେଳେ ଆମ ସ୍ୱାଧୀନତାର ୧୦୦ ବର୍ଷ ପୂର୍ତ୍ତି ପାଳନ କରିବା ସେଥିପାଇଁ ଆଗାମୀ ୨୫ ବର୍ଷ ମଧ୍ୟରେ 'ଆତ୍ମନିର୍ଭର ଭାରତ ଅଭିଯାନ' ଭାରତର ସ୍ୱପ୍ନ ଓ ଆଶା ଆକାଂକ୍ଷାର ଆଧାର ନିର୍ମାଣ କରିବ । ଆଗାମୀ ଦଶନ୍ଧିରେ ଗବେଷଣା ଓ ବିକାଶ ସଂସ୍ଥାନଗୁଡିକ ଏକ ବଡ ଭୂମିକା ନିର୍ବାହ କରିବେ, ଯାହା ମଧ୍ୟ 'ଭାରତର ଟେକେଡ' (ଭାରତର ପ୍ରଯୁକ୍ତି ଦଶନ୍ଧି) ଭାବରେ ପରିଗଣିତ ହେବ ।

ପ୍ରଧାନମନ୍ତ୍ରୀ କହିଥିଲେ ଯେ ଶିକ୍ଷା, ସ୍ୱାସ୍ଥ୍ୟସେବା, କୃଷି, ପ୍ରତିରକ୍ଷା ଏବଂ ସାଇବର ପ୍ରଯୁକ୍ତି କ୍ଷେତ୍ରରେ ଆମେ ଭବିଷ୍ୟତ ଆଧାରିତ ସମାଧାନ ଉପରେ ଗୁରୁତ୍ୱାରୋପ କରିବା ଉଚିତ୍ ।

ପ୍ରଧାନମନ୍ତ୍ରୀ ଆଲୋକପାତ କରି କହିଥିଲେ ଯେ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡିକରେ ଉନ୍ନତମାନର ଭିତ୍ତିଭୂମି ବିକଶିତ କରିବାର ଆବଶ୍ୟକତା ରହିଛି । ଆର୍ଟିଫିସିଆଲ ଇଂଟେଲିଜେନ୍ସ, ସ୍ମାର୍ଟ ଓଏରେବୁଲ୍ସ, ବର୍ଦ୍ଧିତ ରିଅଲିଟି ସିଷ୍ଟମ ଏବଂ ଡିଜିଟାଲ ଆସିଷ୍ଟାଂଟ ଭଳି ଉତ୍ପାଦ ସାଧାରଣ ଜନତାଙ୍କ ନିକଟରେ ପହଂଚିବାର ଆବଶ୍ୟକତା ରହିଛି । ସେ ଜୋର ଦେଇ କହିଥିଲେ ଯେ ଆମେ ଶସ୍ତା, ବ୍ୟକ୍ତିଗତ ଆବଶ୍ୟକତା ଅନୁକୂଳ, ଏବଂ ଏଆଇ ପରିଚାଳିତ ଶିକ୍ଷା ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି । ଏହି ଆଲୋଚନା ସମୟରେ, ଆଇଆଇଏସସି ବାଙ୍ଗାଲୋରର ପ୍ରଫେସର ଗୋବିନ୍ଦ ରଙ୍ଗରାଜନ, ଆଇଆଇଟି ବମ୍ବେର ପ୍ରଫେସର ସୁଭାଶିଷ ଚୌଧୁରୀ, ଆଇଆଇଟି ମାଡ୍ରାସର ପ୍ରଫେସର ଭାସ୍କର ରାମମୂର୍ତ୍ତି, ଆଇଆଇଟି କାନପୁରର ପ୍ରଫେସର ଅଭୟ କାରାନ୍ଦିକର ପ୍ରମୁଖ ପ୍ରଧାନମନ୍ତ୍ରୀଙ୍କ ସମ୍ମୁଖରେ ଦେଶରେ ଜାରି ରହିଥିବା ବିଭିନ୍ନ ପ୍ରକଳ୍ପ, ଶିକ୍ଷାଗତ କାର୍ଯ୍ୟ ଏବଂ ନୂତନ ଗବେଷଣା ସମ୍ପର୍କରେ ଏକ ଉପସ୍ଥାପନା ପ୍ରଦାନ କରିଥିଲେ । କୋଭିଡ ସଂକ୍ରାନ୍ତ ବିଭିନ୍ନ ଗବେଷଣା ଯେପରିକି ନୂତନ ପରୀକ୍ଷଣ କୌଶଳ ବିକଶିତ କରିବା, ସ୍ୱଦେଶୀ ଅକ୍ସିଜେନ କନସେଂଟ୍ରେଟର, ଅକ୍ସିଜେନ ଜେନେରେଟର, କ୍ୟାନ୍ସର ସେଲ୍ ଥେରାପି, ମଡ୍ୟୁଲାର ହସ୍ପିଟାଲ, ହଟସ୍ପଟ ପ୍ରେଡିକ୍ସନ, ଭେଂଟିଲେଟର ଉତ୍ପାଦନ ଆଦି ସଂକ୍ରାନ୍ତରେ ହେଉଥିବା ଗବେଷଣା ଜନିତ କାର୍ଯ୍ୟକୁ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଯାଇଥିଲା । ରୋବୋଟିକ୍ସ, ଡ୍ରୋନ୍ସ, ଅନଲାଇନ ଶିକ୍ଷାଦାନ, ବ୍ୟାଟେରୀ ପ୍ରଯୁକ୍ତି କ୍ଷେତ୍ରରେ ହେଉଥିବା ପ୍ରୟାସ ସମ୍ପର୍କରେ ମଧ୍ୟ ଅବଗତ କରାଯାଇଥିଲା । ନୂତନ ପାଠ୍ୟକ୍ରମ, ବିଶେଷ କରି ଅର୍ଥବ୍ୟବସ୍ଥା ଓ ପ୍ରଯୁକ୍ତିର ପରିବର୍ତ୍ତିତ ସ୍ୱରୂପ ଅନୁଯାୟୀ ବିକଶିତ ହେଉଥିବା ଅନଲାଇନ ପାଠ୍ୟକ୍ରମ ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କୁ ସୂଚନା ଦିଆଯାଇଥିଲା । କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଏବଂ ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଏହି ଆଲୋଚନା ସମୟରେ ଉପସ୍ଥିତ ଥିଲେ ।



















ଜଗତର କଲ୍ୟାଣ କରନ୍ତୁ ଜଗନ୍ନାଥ ।

**ଅଶୋକ କୁମାର ମିଶ୍ର**
ଚଳଚ୍ଚିତ୍ର ନିର୍ଦ୍ଦେଶକ
(ଏଫ୍‌ଟିଆଇଆଇ), ବଲାଙ୍ଗିର





ପବିତ୍ର ରଥଯାତ୍ରା ଅବସରରେ ସମସ୍ତଙ୍କୁ ଅନେକ ଅନେକ ଶୁଭେଚ୍ଛା । ଜଗତନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା, ସମସ୍ତଙ୍କୁ ଏହି କରୋନା ମହାମାରୀରୁ ରକ୍ଷା କରନ୍ତୁ ଏବଂ ସଭିଙ୍କ ମୁହଁରେ ପୁଣି ଥରେ ହସ ଭରି ଦିଅନ୍ତୁ ।

**ସୁଶିଳ କୁମାର ଗୁରୁ**
ଜୟ ମା’ ପାଟଣେଶ୍ୱରୀ ମହାବିଦ୍ୟାଳୟର ପ୍ରତିଷ୍ଠାତା ତଥା ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ, ଖପ୍ରାଖୋଲ
ଟଙ୍ଗରିଆ, ବଲାଙ୍ଗିର

ପବିତ୍ର ରଥଯାତ୍ରା ଅବସରରେ ଆମର ଅଗଣିତ ପାଠକ ପାଠିକା, ଶୁଭେଚ୍ଛା ତଥା ବିଜ୍ଞାପନଦାତାଙ୍କୁ ଆନ୍ତରିକ ଶୁଭେଚ୍ଛା ।

‘କୋଶଳ ପ୍ରବାହ’ ପରିବାର




# ମାତୃକୃପା ହୋମିଓ
## (A unit of Homoeo Haven)





ଜଗତର ନାଥ ଜଗନ୍ନାଥ ଜଗତର ମଙ୍ଗଳ କରନ୍ତୁ ।


**ମାନଭଞ୍ଜନ ମିଶ୍ର**

ପାଟଣେଶ୍ୱରୀ ମାର୍କେଟ୍ କଂପ୍ଲେକ୍ସ, ଜଗନ୍ନାଥ ପଡ଼ା, ବଲାଙ୍ଗିର,
ମୋ.ନଂ.୯୪୩୭୯୧୮୯୬୩










Printed, Published & Owned by Ananda Chandra Sahu at Anand Printers, Shantipara, Bolangir & Edited by Ananda Chandra Sahu, Shantipara, Bolangir-767002, Ph.(06652)250251, Mobile : 9437151062, 8249183745, email : manmay2008@rediffmail.com, koshalaprabaha@gmail.com

Follow us on website : www.koshalaprabaha.com Koshala prabaha Koshala Prabaha
For Update News Pls. Visit Our News Web Portal : koshalaprabahalive.com

ସଂପାଦକ : ଆନଂଦ ଚଂଦ୍ର ସାହୁ
Editor : Ananda Chandra Sahu